୬ ରୌପ୍ୟ ପଦକ ଜିତିଲେ ଓଡ଼ିଆ ଝିଅ ଜୟନ୍ତୀ ବେହେରା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

• ବର୍ଷ–୩୩ • ସଂଖ୍ୟା–୨୬୨ • ୨୩ ଅକ୍ଟୋବର ୨୦୨୬ ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-262 • 23rd October 2026, Friday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଇଣ୍ଡିଆ କେମ୍ ୨୦୨୬: ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ

# ବର୍ତ୍ତମାନ ସୁଦ୍ଧା ୩.୫୨ ଲକ୍ଷ କୋଟିରୁ ଅଧିକ ନିବେଶ

ମୁମ୍ବାଇ/ଭୁବନେଶ୍ୱର,୨୨।୧୦

ନ୍ୟୁଜ୍‌ବ୍ୟୁରୋ

ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଣ୍ଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତ୍ତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି।



୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତ୍ତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତ୍ତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତ୍ତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଣ୍ଟ ରିଜିଅନ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍‌ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ *(ପୃଷ୍ଠା ୭ରେ)*

# ମେଲାଣି ନେଲେ ମା' ଦୁର୍ଗା



ଭୁବନେଶ୍ୱର : ଶାରଦୀୟ ଦୁର୍ଗାପୂଜା ଦୀର୍ଘ ପାଞ୍ଚଦିନ ଧରି ମହାସମାରୋହରେ ପାଳନ ପରେ ଗୁରୁବାର ଜଗଜ୍ଜନନୀ ମା' ଦୁର୍ଗାଙ୍କୁ ମେଲାଣି ଦଆଯାଇଛି। ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଶାନ୍ତି ଶୃଙ୍ଖଳାର ସହ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭୁବନେଶ୍ୱରର ସହିଦ ନଗର, ନୂଆପଲ୍ଲୀ, ପୁରୁଣା ଭୁବନେଶ୍ୱର ଆଦି ବଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ଭସାଣି ଶୋଭାଯାତ୍ରାରେ ଆନନ୍ଦ ଉତ୍ସାହର ସହ ବିଦାୟ ଦିଆଯାଇଛି। ସେହିପରି କଟକରେ ମଧ୍ୟ ବିଭିନ୍ନ ପୂଜା କମିଟି ପକ୍ଷରୁ ନିର୍ମିତ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ବିସର୍ଜନ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ବିଦାୟ ଦେଇଛନ୍ତି। (ଫଟୋ : ସମ୍ବାଦ କଳିକା)

## ଆଜିର ମୁଖ୍ୟ ଖବର

- ଯମୁନା ନଦୀର ପୁନରୁଦ୍ଧାର ପାଇଁ ୮,୯୪୧ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ଅମିତ ଶାହ।
- ଭାରତ-ପୋଲାଣ୍ଡ ମଧ୍ୟରେ ପ୍ରତିରକ୍ଷା, ମହାକାଶ ଓ ଆଣବିକ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ସହମତି।
- ଅକ୍ଟୋବର ୨୬-୨୭ ତାରିଖରେ ସମ୍ବିଧାନ ସଦନର କେନ୍ଦ୍ରୀୟ କକ୍ଷରେ ଆୟୋଜିତ ହେବ ଦ୍ୱାଦଶ ବିଶ୍ୱ ସଂସଦୀୟ ମଞ୍ଚ।
- ସାଉଦି ଆରବରେ ଡ୍ରୋନ୍‌ରେ ମାଟି ଖସିବା ଯୋଗ ନେପାଳୀ ସମେତ ଦୁଇ ଜଣଙ୍କର ମୃତ୍ୟୁ।
- ଏମ୍.ପି.ରୁ ଗୋଟିଏ ଖାଲି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ଘୋଷଣା, ନଭେମ୍ବର ୧୨ରେ ହେବ ମତଦାନ।
- ହାସୀ ଦେବୀଙ୍କ ସମ୍ମାନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାରି କଲେ ୨୦୦ ଟଙ୍କିଆ ସ୍ମାରକ ମୁଦ୍ରା।
- ଭାରତ-ଚୀନ୍ ବାଣିଜ୍ୟ : ୨୪.୫୦ ଲକ୍ଷ ଟଙ୍କାର ସାମଗ୍ରୀ ରପ୍ତାନି।
- ସାଉଦି ଆରବର ଦମ୍ମାମ ବିମାନ ବନ୍ଦରରେ ଆତଙ୍କବାଦୀ ଆକ୍ରମଣ, ଜଣେ ମୃତ, ୮ ଆହତ।
- ଭାରତୀୟ ବାୟୁସେନାର ଯୁଦ୍ଧ ବିମାନଗୁଡ଼ିକ ବାରାଣାସୀରେ ଗଙ୍ଗା ଉପରେ ଆକାଶରେ ପ୍ରଦର୍ଶନ କଲେ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୦୮ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୯୦ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୫୬ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୦ (+୦)

# ଆସନ୍ତା ୩୦ ବର୍ଷ କଂଗ୍ରେସ ପାଇଁ କ୍ଷମତା ସ୍ୱପ୍ନ

ନୂଆଦିଲ୍ଲୀ,୨୨।୧୦

ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ କଂଗ୍ରେସ କ୍ଷମତାକୁ ଫେରିପାରିବ ନାହିଁ। କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ଏଭଳି ଢଙ୍ଗରେ ଟାର୍ଗେଟ୍ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ। ବିରୋଧ ପ୍ରଦର୍ଶନ ଓ ପ୍ରତିବାଦ ବଦଳରେ ଜନକଲ୍ୟାଣ କାର୍ଯ୍ୟ ଉପରେ ଧ୍ୟାନ ଦେବାକୁ ସେ ବିରୋଧୀ ଦଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି।



ଦିଲ୍ଲୀରେ ଦିଲ୍ଲୀ ଜଳ ବୋର୍ଡର ୮,୯୪୧ କୋଟି ଟଙ୍କା ମୂଲ୍ୟର ୩୩ଟି ପ୍ରକଳ୍ପର ଶୁଭାରମ୍ଭ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶାହ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ସମାଲୋଚନା କରିଥିଲେ। ଭୋଟ୍ ଚୋରି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)ରେ ଅନିୟମିତତା ନେଇ ବିରୋଧୀଙ୍କ ଅଭିଯୋଗକୁ ନେଇ ମଧ୍ୟ ଶାହ ଆପତ୍ତି ଉଠାଇଥିଲେ। ବିରୋଧୀ ଦଳଗୁଡ଼ିକ ଲୋକଙ୍କ ଜନାଦେଶକୁ ଚ୍ୟାଲେଞ୍ଜ କରିବା ପାଇଁ ରାଜନୈତିକ କୌଶଳ ଓ ଭିଡ଼ତନ୍ତ୍ରର ଆଶ୍ରୟ ନେଉଥିବା ସେ ଅଭିଯୋଗ କରିଥିଲେ।

ଶାହ କହିଥିଲେ, ନିର୍ବାଚନ ଜିତିବାକୁ ହେଲେ ନେତାମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ। ଯେଉଁ ରାଜ୍ୟରେ କଂଗ୍ରେସ ଓ ଆପ୍ କ୍ଷମତାରେ ଅଛନ୍ତି, ସେଠାରେ ଲୋକଙ୍କ କଲ୍ୟାଣ ପାଇଁ ଯୋଜନା କରିବା ସହ ଶାସନ ବ୍ୟବସ୍ଥାରେ ସୁଧାର ଆଣିବା ଉଚିତ। *(ପୃଷ୍ଠା ୭ରେ)*

## ୭ମ ଆଗ୍ରିଭୋଲ୍ଟାଇକ୍ସ ୱାର୍ଲ୍ଡ କନଫରେନ୍ସ ୨୦୨୬

# ଓଡ଼ିଶା ଚୂଡ଼ାନ୍ତ କରୁଛି ପ୍ରଥମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ନୀତି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨।୧୦

ନ୍ୟୁଜ୍‌ବ୍ୟୁରୋ

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ୭ମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ୱାର୍ଲ୍ଡ କନଫରେନ୍ସ-୨୦୨୬ରେ ଯୋଗଦେଇ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶାର ଯୁଗାନ୍ତକାରୀ 'ଆଗ୍ରି-ପିଭି ନୀତି ୨୦୨୬' ଚୂଡ଼ାନ୍ତ ହେଉଥିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏହା ସହିତ ଏକ ସ୍ୱତନ୍ତ୍ର ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ନୀତି ପ୍ରଣୟନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହେବାର ଗୌରବ ହାସଲ କରିବାକୁ ଯାଉଛି।



ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ, ଆଇଆଇଏସ୍‌ଡି ଏବଂ ସିଇଇଡବ୍ଲୁର ମିଳିତ ସହଯୋଗରେ ଆୟୋଜିତ ୭ମ ଆଗ୍ରି-ଫୋଟୋଭୋଲ୍ଟାଇକ୍ସ ୱାର୍ଲ୍ଡ *(ପୃଷ୍ଠା ୭ରେ)*

# ୨୫ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୨।୧୦

ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୨୫ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ଣ ସାଢେ ୪ଟାରେ ପହଞ୍ଚିବେ। ଆରବିଆଇ ଡାଟା ସେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବେ। ୧୭୦ କୋଟି ଟଙ୍କା ବ୍ୟୟରେ ଜଟଣୀ ଠାରେ ନିର୍ମାଣ ହୋଇଥିବା ଡାଟା ସେଣ୍ଟରକୁ ସେ ଉଦ୍‌ଘାଟନ କରିବେ। ଏହାପରେ ସନ୍ଧ୍ୟା ସାଢେ ୬ ଟାରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଫେରିଯିବେ ବୋଲି ରାଜ୍ୟ ବିଜେପି ଉପ ସଭାପତି ଯତୀନ ମହାନ୍ତି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ସମସ୍ତ ଭାରତୀୟଙ୍କ ତଥ୍ୟ କିଭଳି ସୁରକ୍ଷିତ ରହିବ ସେଥିପାଇଁ ଓଡ଼ିଶାରେ ଦେଶର ଦ୍ୱିତୀୟ ଡାଟା ସେଣ୍ଟର ନିର୍ମାଣ ହୋଇଛି। ପ୍ରଧାନମନ୍ତ୍ରୀ ନିଜେ ଏହି ପ୍ରକଳ୍ପ ପାଇଁ ଓଡ଼ିଶାକୁ ବାଛିଥିଲେ।

# ମୋଦୀଙ୍କୁ ପ୍ରଶଂସା କଲେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୨।୧୦

ବିଶ୍ୱ ଅନିଶ୍ଚିତତା ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଭାରତକୁ ସମଗ୍ର ବିଶ୍ୱ ପାଇଁ 'ଆଶାର କିରଣ' ଭାବରେ ବର୍ଣ୍ଣନା କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱ ଭୂମିକାକୁ ପ୍ରଶଂସା କରିଛନ୍ତି ଏବଂ ଭାରତ ଏବଂ ପୋଲାଣ୍ଡ ମଧ୍ୟରେ ସମ୍ପର୍କ ଭବିଷ୍ୟତରେ ମଜଭୁତ ହେବ ବୋଲି ବିଶ୍ୱାସ ପ୍ରକାଶ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏକ ମିଳିତ ବିବୃତି ପ୍ରଦାନ କରି, ଟସ୍କ ଦୁଇ ଦେଶ ମଧ୍ୟରେ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ସହଯୋଗକୁ ଆହୁରି ବୃଦ୍ଧି କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି ଯେ ତାଙ୍କ ଦେଶ ବିଶ୍ୱ ବ୍ୟାପାରରେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୂମିକାକୁ ମୂଲ୍ୟ ଦିଏ। ସେ କହିଛନ୍ତି, 'ଆମେ ବିଶ୍ୱ ମଞ୍ଚରେ ପ୍ରଧାନମନ୍ତ୍ରୀ ଭାବରେ ଆପଣଙ୍କ ଭୂମିକାକୁ ପ୍ରଶଂସା କରୁ। ଅସ୍ଥିରତା, ରାଜନୈତିକ ଅନିଶ୍ଚିତତା ଏବଂ ସଙ୍କଟ ସମୟରେ, ଏହା ଆଶାର ସଙ୍କେତ। ଭାରତ ଭଳି ଏକ ଶକ୍ତିଶାଳୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଆପଣଙ୍କ ନେତୃତ୍ୱ ଆମ ସମସ୍ତଙ୍କ ପାଇଁ ଆଶାର କିରଣ।' ଟସ୍କ କହିଛନ୍ତି ଯେ ଭାରତ ଏବଂ ପୋଲାଣ୍ଡରେ ଅନେକ ସମାନତା ଅଛି। କେବଳ ଭୌଗୋଳିକ ଦୂରତା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପୃଥକ କରିଥାଏ।




## ଏକାଳ ପଖାଳ



କୋର୍ଟରେ ପୁଣି ଦେଖାରେ ବାବା
ହିସାବ ନିକାଶ ହେବ
ଆନ୍ଧ୍ରା ଆନ୍ନା ବାନା ଛିଣ୍ଡେଇକି
ଓଡ଼ିଶା ଭଲକି ଦେବ
କଳି ପୂରା ତୁଟିଯିବ
ମହାନଦୀ ମାମଲା ଖତମ୍
ସର୍କାର ଚଳାନ୍ତି ଗୋଟି।

# ଗ୍ରହକୁ ଗିଳି ସବୁଜ ହୋଇଗଲା ତାରା !



ନୂଆଦିଲ୍ଲୀ,୨୨।୧୦

ମହାକାଶରେ ରଙ୍ଗୀନ ତାରାର ରହସ୍ୟମୟ ଦୁନିଆ। ଏଥର ବୈଜ୍ଞାନିକଙ୍କୁ ମିଳିଛି ଏମିତି ଏକ ତାରା, ଯାହାର ରଙ୍ଗ ସବୁଜ। ପୃଥିବୀଠାରୁ ପ୍ରାୟ ୨୮୦ ଆଲୋକ ବର୍ଷ ଦୂରରେ ରହିଛି ଏହି ତାରା। ଏହାର ଯାହାର ରଙ୍ଗ ପଛରେ ବି ଲୁଚି ରହିଛି ଏକ ଅଦ୍ଭୁତ ରାସାୟନିକ ପ୍ରକ୍ରିୟା। କେବଳ ସେତିକି ନୁହେଁ ବୈଜ୍ଞାନିକଙ୍କ ନଜରକୁ ଆସିଛି ହାଲୁକା ଗୋଲାପୀ ରଙ୍ଗ ଥିବା ଆଉ ଏକ ତାରା।

ମହାକାଶ ବିଜ୍ଞାନ ଦୁନିଆରୁ ଆସିଛି ଏକ ଆଶ୍ଚର୍ଯ୍ୟଜନକ ଖବର। ଡବ୍ଲୁଡି ଜେ ୧୩୩୦+୬୪୩୫ ନାମକ ଏକ ଧଳା ବାମନ ତାରା ନିଜର ଅସାଧାରଣ ସବୁଜ ଆଭା ପାଇଁ ଚର୍ଚ୍ଚାକୁ ଆସିଛି। ଏହି ତାରା ପୃଥିବୀଠାରୁ ପ୍ରାୟ ୨୮୦ ଆଲୋକବର୍ଷ ଦୂରରେ, ମିଲ୍କି ୱେ ଗାଲାକ୍ସିର ଡ୍ରାକୋ ତାରାମଣ୍ଡଳରେ ଅବସ୍ଥିତ। ସାଧାରଣତଃ ତାରାର ରଙ୍ଗ ତା'ର ତାପମାତ୍ରାକୁ ନେଇ ରହିଥାଏ। ଅଧିକ ଉତ୍ତପ୍ତ ତାରା ନୀଳ ଆଭା ଦେଖାଇଥାଏ, ସୂର୍ଯ୍ୟ ପରି ତାରା ଧଳା ଆଲୋକ ନିର୍ଗତ କରେ ଏବଂ ଅପେକ୍ଷାକୃତ ଥଣ୍ଡା ତାରା ଲାଲ୍ ବା କମଳା ରଙ୍ଗର ହୋଇଥାଏ। କିନ୍ତୁ ଏହି ତାରାର ସବୁଜ ଆଭା ସମ୍ପୂର୍ଣ୍ଣ ରହସ୍ୟମୟ।

ବୈଜ୍ଞାନିକମାନେ ଏହି ଧଳା ବାମନ ତାରାର ବାହ୍ୟ ସ୍ତରରେ କ୍ୟାଲସିୟମ୍, ଲିଥିୟମ୍ ଓ ସୋଡିୟମ୍ ପରି *(ପୃଷ୍ଠା ୭ରେ)*

# ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର,୨୨।୧୦

ନ୍ୟୁଜ୍‌ବ୍ୟୁରୋ

ଆଗାମୀ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ପୂର୍ବ ଓ ସଂଲଗ୍ନ ପୂର୍ବ କେନ୍ଦ୍ର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସହ ଏହା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଥିବା ବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଅନ୍ୟ ପକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ଭାବ୍ୟ ବାତ୍ୟା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ପାଣିପାଗ ବିଜ୍ଞାନୀଙ୍କ ସୂଚନା ଅନୁସାରେ ୨୫ ତାରିଖ ପରେ ବାତ୍ୟା ନେଇ ଚିତ୍ର ସ୍ପଷ୍ଟ ହେବ। ଏହାର ପ୍ରଭାବରେ ରାଜ୍ୟରେ ୨୬ ତାରିଖ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଉଛି। ତେବେ ବାତ୍ୟା ନେଇ ଶୁକ୍ରବାର ସୁଦ୍ଧା ସ୍ପଷ୍ଟ ସୂଚନା ମିଳିଯିବ ବୋଲି ମନ୍ତ୍ରୀ କହିଛନ୍ତି। ୟୁରୋପୀୟ ମଡେଲ ମାନଙ୍କୁ ଇଣ୍ଡିକେସନ ଭାବେ ନେଇ ଆମେ ପ୍ରସ୍ତୁତ ହେଉଛୁ। ଆଇଏମଡି ସହିତ ନିରନ୍ତର ଯୋଗାଯୋଗରେ ଅଛୁ। ଲଘୁଚାପ ହେବ ଏବଂ ପରେ ଅବପାତର ରୂପ ନେବ ଏବଂ ଆନ୍ଧ୍ର ପ୍ରଦେଶର ସମୁଦ୍ର ତଟ ଛୁଇଁବ କିନ୍ତୁ କେତେ କ୍ଷତିକାରକ ହେବ ସେ ନେଇ ଆଇଏମଡି ପକ୍ଷରୁ ସଠିକ୍ ଆକଳନ ଏପର୍ଯ୍ୟନ୍ତ କରାଯାଇ ନାହିଁ ବୋଲି ସେ କହିଛନ୍ତି। ତେବେ ଏନେଇ ଶୁକ୍ରବାର ସୁଦ୍ଧା ସ୍ପଷ୍ଟ ସୂଚନା ମିଳିଯିବ। ଓଡ଼ିଶାବାସୀ ଏଥିପାଇଁ ବିଚଳିତ ହୁଅନ୍ତୁ ନାହିଁ ବିବ୍ରତ ହୁଅନ୍ତୁ ନାହିଁ ବୋଲି ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

ସମ୍ପାଦକୀୟ

32 YEARS
ସମ୍ବାଦ କଳିକା

# ବିମାନ ଭଡ଼ା ସିଧାସଳଖ ନିୟନ୍ତ୍ରଣ କରିବେନି ସରକାର

ସରକାର ବିମାନ ଟିକଟ ଭଡ଼ା ସିଧାସଳଖ ନିୟନ୍ତ୍ରଣ କରିବେ ନାହିଁ । ଚାହିଦା ଏବଂ ଉପଲବ୍ଧ ସିଟ୍ ଆଧାରରେ ବିମାନ କମ୍ପାନିଗୁଡିକ ନିଜେ ଭଡ଼ା ନିର୍ଦ୍ଧାରଣ କରିପାରିବେ । ତେବେ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀଙ୍କୁ ଅତ୍ୟଧିକ ଖର୍ଚ୍ଚରୁ ରକ୍ଷା କରିବା ପାଇଁ ସରକାରଙ୍କ ପାଖରେ ସର୍ବୋଚ୍ଚ ଭଡ଼ା ସୀମା ଧାର୍ଯ୍ୟ କରିବା ଅଧିକାର ରହିବ। ନୂଆ ନିୟମ ମୁତାବକ, ବିମାନ କମ୍ପାନିଗୁଡ଼ିକୁ ଭଡ଼ା ସମ୍ପର୍କିତ ସୂଚନା ଗୋଟିଏ ମାସ ପୂର୍ବରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଦେବାକୁ ପଡ଼ିବ । ଏହା ସହ ନିଜସ୍ୱ ୱେବସାଇଟରେ ଏହି ତଥ୍ୟ ଦର୍ଶାଇବାକୁ ପଡ଼ିବ । କୌଣସି ବିମାନ କମ୍ପାନି ଯେଭଳି ଧାର୍ଯ୍ୟ ସୀମାରୁ ଅଧିକ ଭଡ଼ା ଆଦାୟ ନ କରିନ୍ତି ସେଥିପ୍ରତି ଡିଜିସିଏ କଡ଼ା ନଜର ରଖିବ। ସାମାଜିକ କର୍ମୀ ଏସ୍. ଲକ୍ଷ୍ମୀ ନାରାୟଣଙ୍କ ଆବେଦନର ଶୁଣାଣି ସମୟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ପର୍ବ ପର୍ବାଣୀ ଓ ଛୁଟିଦିନଗୁଡିକରେ ବିମାନ ସଂସ୍ଥା ଗୁଡିକର ମନମୁଖୀ ଭଡ଼ା ଏବଂ ଲୁଚାଣିଆ ଚାର୍ଜ ଉପରେ ରୋକ ଲଗାଇବା ଲାଗି ୨ ସପ୍ତାହ ମଧ୍ୟରେ ନୂଆ ନିୟମ ଆସିବ । ବିମାନ ଇନ୍ଧନ ମୂଲ୍ୟ ବୃଦ୍ଧି ଏବଂ କମ୍ ସଂଖ୍ୟକ ଉଡାଣ ଯୋଗୁ ପାର୍ବଣ ଋତୁରେ ଟିକଟ ଦର ଗତ ବର୍ଷ ତୁଳନାରେ ଢ଼େର ପରିମାଣରେ ବଢ଼ିଛି । ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି, ବିମାନ ଇନ୍ଧନ ଦର ବୃଦ୍ଧି ଯୋଗୁ ଭଡ଼ା ନିୟନ୍ତ୍ରଣ ରଖିବା ଏକ ଆହ୍ୱାନ । ଏ ନେଇ ବିମାନ କମ୍ପାନି ଏବଂ ତୈଳ ବିପଣନ କମ୍ପାନିଙ୍କ ସହ ଆଲୋଚନା ଚାଲିଛି । ବିମାନ ଇନ୍ଧନ ମହଙ୍ଗା ହେବା କାରଣରୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଭଳି କମ୍ପାନି ଭଡ଼ାରେ ବୃଦ୍ଧି କରିଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ଯଶ ଲାଭ କିପରି ହୁଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିତିଯାଇଥିବା କଥାକୁ ଭୂଲିଯାଇ ଯିଏ ଆଗକୁ ଆଗକୁ ଚାଲେ ତାକୁ ସଂସାରରୁ ଯଶ ଲାଭ ପ୍ରାପ୍ତ ହୁଏ ଏବଂ ତାର ଜୟ ଜୟ କାର ହୁଏ । ପ୍ରକୃତରେ ସେ ହିଁ ବୁଦ୍ଧିମାନ ବ୍ୟକ୍ତି ହୋଇଥାଏ । ଏଇଠି ଗୋଟେ କଥା କହୁଛି–ଥରେ ବୁଦ୍ଧଦେବ ପ୍ରାତଃ ଭ୍ରମଣ ସାରି ଫେରୁଛନ୍ତି ଏହି ସମୟରେ ଜଣେ ଲୋକ ତାଙ୍କୁ ଗାଳି ଗୁଲଜ କଲା ବୁଦ୍ଧଦେବ ସେଥିପ୍ରତି କର୍ଣ୍ଣପାତ ନକରି ଉଆସକୁ ଫେରିଗଲେ କିନ୍ତୁ ପରଦିନ ସକାଳୁ ସେହି ବ୍ୟକ୍ତି ରାଜ ଉଆସରେ ଯାଇ ଗୁହାରିଆ ପଡିଛି। ବୁଦ୍ଧଦେବ ଦେଖିଲେ ଦେଖ ସେ କିଏ ଏପରି ଶୋଇଛି ତାକୁ ଉଠାଅ । ସେ ଉଠିଲା ପରେ ତାକୁ ପଚାରିଲେ ତୁମେ କାହିଁକି ଆସିଛ,ସେ କହିଲା ପ୍ରଭୁ କାଲି ମୁଁ ଆପଣଙ୍କୁ ଏତେ ତିରସ୍କାର କଲି କିନ୍ତୁ ଆପଣ ନିରବ ରହି ଚାଲିଆସିଲେ । ତାପରେ ମୁଁ କାଲିଠାରୁ ବହୁତ ମନସ୍ତାପରେ ଅଛି । ମୋତେ କ୍ଷମା କରନ୍ତୁ । ତତ୍କ୍ଷଣାତ୍ ବୁଦ୍ଧଦେବ କହିଲେ ଆରେ କାଲି ଠାରୁ ତୁ ସେଇଠି ବସିଛୁ । କାଲି କେତେ ପବନ ବହିଗଲାଣି,କେତେ ପାଣି ବହି ଗଲାଣି,କେତେ ଲୋକ ମରିଗଲେଣି,କେତେ ପୁଣି ଜନ୍ମ ନେଲେଣି କିନ୍ତୁ ତୁ ସେଇଠି ବସିଛୁ । ଯା,ଯା ଆଗକୁ ଯା କାଲି କଣ ହେଲା ତାକୁ ଭୁଲିଯାଇ ବର୍ତ୍ତମାନର କାର୍ଯ୍ୟ କର । ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମେତ ଅନୁତାପର ଅଗ୍ନିରେ ଦଗ୍ଧ ହୋଇ ସୁବର୍ଣ୍ଣ ପାଲଟି ଯାଇଛ । ମୁଁ ଆଉ କଣ କ୍ଷମା କରିବି । ପ୍ରଭୁତ ତୁମକୁ କ୍ଷମା କରି ଦେଇଛନ୍ତି । ହରି ଓଁ ।

# ରାଜନୀତିରେ ଟିକେଟ୍



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଭାରତୀୟ ଗଣତନ୍ତ୍ରରେ ଟିକେଟ୍ ବଣ୍ଟନ ଏକ ମୁଖ୍ୟ ପ୍ରସଙ୍ଗ। ରାଜନୀତିରେ ନିର୍ବାଚନ ଲଢିବା ପାଇଁ ଟିକେଟ୍ ପାଇବା ଏକ ସଧାରଣ ବ୍ୟାପାର ନୁହେଁ। ଏଥିପାଇଁ ବହୁ ମାନସିକ ଓ ଶାରୀରିକ କସରତ କରିବାକୁ ପଡେ। ଦୌଡା ଦୌଡି କରିବାକୁ ପଡେ। ଟିକେଟ୍ କହିଲେ ଏକ ଲିଖିତ ପ୍ରତିଶ୍ରୁତି ବା ଅଙ୍ଗୀକାରବଦ୍ଧତାକୁ ବୁଝାଇ ଥାଏ। ସିନେମା ହଲରେ ସିନେମା ଦେଖିବା ପାଇଁ ଟିକେଟ୍, ସେହିପରି ସାଇକେଲ ଷ୍ଟାଣ୍ଡରେ ଟିକେଟ୍, ବସରେ ଟିକେଟ୍, ଟ୍ରେନରେ ଟିକେଟ୍, ଡାକ୍ତରଙ୍କୁ ଦେଖାଇବା ପାଇଁ ଟିକେଟ୍, ଏପରିକି ଶବଦାହ ପାଇଁ ବି ଟିକେଟ୍ ଲାଗେ। ତେବେ ରାଜନୀତିଜ୍ଞଙ୍କ ପାଇଁ ସେହି ଟିକେଟର ମହତ୍ତ୍ୱ ସର୍ବାଧିକ ଯେଉଁ ଟିକେଟ୍ ପାଇ ସେମାନେ କେନ୍ଦ୍ର ସଂସଦ ଅଥବା ରାଜ୍ୟ ବିଧାନସଭା ନିର୍ବାଚନ ଲଢିବାକୁ ସକ୍ଷମ ହୁଅନ୍ତି। ଭାରତୀୟ ରାଜନୈତିକ ଦଳମାନେ ଯେଉଁମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରାଇବାକୁ ଚାହାଁନ୍ତି ତାଙ୍କୁ ଏଥିପାଇଁ ଟିକେଟ୍ ଦିଅନ୍ତି। ଯିଏ ଟିକେଟ୍ ପାଏ, ସେ ସମ୍ପୃକ୍ତ ଦଳରୁ ନିର୍ବାଚନ ଲଢିବା ନିଶ୍ଚିତ ବୋଲି ଜଣାପଡେ। ଏହା ଅଧା ବିଜୟ।

ଯେଉଁମାନେ ନିର୍ବାଚନ ଲଢିବା ପାଇଁ ଚାହାଁନ୍ତି କୌଣସି ଲୋକପ୍ରତିନିଧି ସଦନରେ ସ୍ଥାନ ପାଇବା ପାଇଁ, ପ୍ରଥମେ ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ସମ୍ପୃକ୍ତ ପାର୍ଟିର ହାଇକମାଣ୍ଡଙ୍କଠାରୁ ଟିକେଟ୍ ଆଣିବାକୁ ପଡେ। ପ୍ରାର୍ଥୀ ଜଣକ ହାଇକମାଣ୍ଡଙ୍କୁ କିପରି ସନ୍ତୁଷ୍ଟ କରି ଟିକେଟ ଆଣିବେ ତାହାର ମାନ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ। ନିର୍ବାଚନ ପାଖେଇ ଆସିଲେ ଆଶାୟୀମାନେ ଦୌଡା ଦୌଡ଼ି ଆରମ୍ଭ କରନ୍ତି। କେତେବେଳେ ରାଜ୍ୟ ରାଜଧାନୀ ତ କେତେବେଳେ ରାଷ୍ଟ୍ରୀୟ ରାଜଧାନୀକୁ ଦୌଡ଼ନ୍ତି ଯେଉଁଠାରେ ଦଳର ଉଚ୍ଚ ପଦାଧିକାରୀମାନେ ଅବସ୍ଥାନ କରିଥାନ୍ତି। ବେଳେବେଳେ ଏକା ଯାଆନ୍ତି ତ ଆଉ କେତେବେଳେ ସଦଳେବଳେ ଯାଆନ୍ତି। ଶକ୍ତି ପ୍ରଦର୍ଶନ ପାଇଁ ବସ୍ ଟ୍ରେନ ଯୋଗେ ବହୁ ଲୋକଙ୍କୁ ମଟେଇ ଅଣାଯାଏ ନେତାଙ୍କୁ ଆକର୍ଷିତ କରିବା ପାଇଁ। ଭିଡ଼ଭାଡ ଦେଖି ନେତାବି ଖୁସ୍ ହୁଅନ୍ତି, ବେଶ୍ ପ୍ରଭାବିତ ହୁଅନ୍ତି। ଦାବୀଦାରଙ୍କ ମଧ୍ୟରୁ ଜଣକ ଉପରେ କୃପାବୃଷ୍ଟି ହୁଏ। ଅନ୍ୟମାନଙ୍କ ମୁହଁ ଆମ୍ବିଲା।

ବେଳେବେଳେ ଅଭିଯୋଗ ଆସେ ଯେ ଟିକେଟ ପାଇଁ ମୋଟା ଅଙ୍କର ଅର୍ଥ କାରବାର ହୁଏ। ଟଙ୍କା ପଇଠ କରିବାକୁ ପଡେ। ଏଥିପାଇଁ ଆଶାୟୀମାନେ ବ୍ୟାଗଧରି ରାଜ୍ୟ ରାଜଧାନୀ କିମ୍ବା ଦିଲ୍ଲୀ ଦଉଡନ୍ତି। ଏହି ଟଙ୍କା ମୁଖ୍ୟତଃ ବ୍ୟକ୍ତିଗତ ଭେଟିରୂପରେ ପ୍ରଦାନ କରାଯାଏ। ଏଥିପାଇଁ ଅନେକଙ୍କୁ ସନ୍ତୁଷ୍ଟ କରିବାକୁ ପଡେ। ଏ ଦିଗରେ କୋଟି କୋଟି ଟଙ୍କାର କାରବାର ହୁଏ। ବେଳେ ବେଳେ ଗୋଟିଏ ଦଳର ଏକାଧିକ ଟିକଟ ଦାବିଦାରଙ୍କ ମଧ୍ୟରେ ମୂଲଚାଲ ବି ହୁଏ। ଏହି ପ୍ରକ୍ରିୟାରେ ଜଣେ ଟିକେଟ ଦାବିରୁ ଓହରି ଯିବାପାଇଁ ତାଙ୍କ ପ୍ରତିଯୋଗୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଦାବୀ କରନ୍ତି। ଆହୁରି ମଧ୍ୟ ଅଭିଯୋଗ ହୁଏ ଯେ ଏଥିରେ 'ରାଧେ ରାଧେ ତୋର ଅଧେକୁ ମୋର ଅଧେ' ନୀତିର ବି ଅବଲମ୍ବନ ହୁଏ। ଜିତିବା କଥାକୁ ମାର ଗୁଲି। ଆଞ୍ଚଳିକ ହାଇକମାଣ୍ଡ ଓ ପ୍ରାର୍ଥୀ ମଧ୍ୟରେ ଡିଲ ହୁଏ, ଯାହା ଟଙ୍କା ଖର୍ଚ୍ଚ ପାଇଁ ଆସିବ ଅଧା ଅଧା ଭାଗ ହେବ। ଟିକେଟ୍ ନେଣଦେଣ ପ୍ରକ୍ରିୟାରେ ଅର୍ଥ କାରବାର କଥାକୁ ଏଡାଇ ଦିଆଯାଇ ପାରିବ ନାହିଁ। ସ୍ଥାନ ଭେଦରେ ପରିମାଣ ଅଲଗା ଅଲଗା ହୋଇପାରେ। ତେଣୁ ଟିକେଟ୍ ପାଇବା ପାଇଁ ଅର୍ଥ ବି ଏକ ସାଧନ ଅଟେ।

ଅନ୍ୟ ଏକ ଯୋଗ୍ୟତା ହେଉଛି ଟିକେଟ ପାଇବା ପାଇଁ ତୋଷାମଦିଆ ହେବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ପାର୍ଟିର ରାଷ୍ଟ୍ରୀୟ କିମ୍ବା ପ୍ରାନ୍ତୀୟ ମୁଖିଆଙ୍କୁ ବାରମ୍ବାର ଦେଖା କରିବା, ସେ ଯୁଆଡେ ଯିବେ ତାଙ୍କ ସଙ୍ଗେ ସଙ୍ଗେ ଯିବା, ଆବଶ୍ୟକ ସ୍ଥଳେ ତାଙ୍କ ମୁଣ୍ଡ ଉପରେ ଛତା ଫୁଟେଇ ଚାଲିବା, ଜୋତା ବି ବହିବା, ଯେନତେନ ପ୍ରକାରେ ତାଙ୍କୁ ସନ୍ତୁଷ୍ଟ କରିବାର ଗୁଣ ଥିବା ଆବଶ୍ୟକ। ରାଜନୀତିରେ ଏ ପ୍ରକାର ଲୋକ ଭରପୂର। ଏପରିବି ନଜିର ଅଛି ନେତାଙ୍କ ରୋଷେୟା ଓ ଡ୍ରାଇଭମାନେ ଅନୁଗ୍ରହ ପାଇ ଦିନେ ବଡ ନେତା ହୋଇ ଯାଇଛନ୍ତି। ଯେଉଁମାନେ ତୋଷାମଦ କରିପାରନ୍ତି ନାହିଁ, ସେମାନେ ରାଜନୀତି ପାଇଁ ଅନୁପଯୁକ୍ତ ବୋଲି ସାଧାରଣରେ ଧାରଣା ରହିଛି। ଜଣକର ବିଜ୍ଞତା, ସାଧୁତା ଓ ପାରଦର୍ଶିତା ପରି ଗୁଣ ଅନେକ ସମୟରେ ଫେଲମାରେ, ତୋଷାମଦିଆ ବାଜି ମାରିନିଏ। ବିଜ୍ଞ ବ୍ୟକ୍ତି ଜଣକ କାନମୂଳ ଆଉଁସି ରହିଯାଏ। ଅନ୍ୟ ଏକ ମାରାତ୍ମକ ଅଭିଯୋଗ ମଧ୍ୟ ଆସେ ଯେ ଟିକେଟ ପାଇବା ପାଇଁ ଦେହସୁଖ ଦେବାର ମଧ୍ୟ ବ୍ୟବସ୍ଥା ହୁଏ। ହାଇକମାଣ୍ଡକୁ ସନ୍ତୁଷ୍ଟ କରିବା ପାଇଁ ଏହା ମଧ୍ୟ ଏକ ମାଧ୍ୟମ।

ଟିକେଟ ପାଇବାର ଅନ୍ୟତମ ମାର୍ଗ ହେଉଛି ଯେ ପ୍ରାର୍ଥୀ ଜଣକ ଅନ୍ଧଭକ୍ତ ହୋଇଥିବ। ଅର୍ଥାତ ହାଇକମାଣ୍ଡଙ୍କ ହଁରେ ହଁ ଭରୁଥିବ ଓ ନା ରେ ନା କରୁଥିବ। ଉପର ବାଲାବି ଏଥିପ୍ରତି ଦୃଷ୍ଟି ଦିଅନ୍ତି। ଏହା କୌଣସି ଗୋଟିଏ ଦଳର କଥା ନୁହେଁ। ସଂଖ୍ୟାଧିକ ଦଳରେ ଅନ୍ଧଭକ୍ତଙ୍କ ଫୌଜ ରହିଛି। ଭୁଲ ହେଲେବି ନେତା ଯାହା କହିବେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପ୍ରସ୍ତୁତ ଥିବା ଆବଶ୍ୟକ। ନେତା ଭୁଲ କହିଲେବି ତାକୁ ଭକ୍ତମାନେ ଠିକ ପ୍ରମାଣ କରିବାକୁ ଚେଷ୍ଟା କରୁଥିବେ। ତାହାର ଏକ ତାତ୍ତ୍ୱିକ ରୂପ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିବେ। ବୈଜ୍ଞାନିକ ସିଦ୍ଧାନ୍ତ ଓ ତର୍କସମ୍ମତ ମତକୁ ମଧ୍ୟ ଜଳାଞ୍ଜଳି ଦିଆଯିବ। ନେତା ଯାହା କହିବେ ତାହା ଠିକ। ନେତାଙ୍କ କଥନକୁ ଠିକ ବୋଲି ପ୍ରମାଣ କରିବା ପାଇଁ ଏମାନେ ହିଂସାକୁ ଓହ୍ଲାଇ ପାରୁଥିବେ। ନେତାଙ୍କ କଥାରେ ପଡ଼ି ଏମାନେ ଭୁଲକୁ ଠିକ୍ ବୋଲି କହୁଥିବେ, ଅନାଦର୍ଶକୁ ଆଦର୍ଶ ବୋଲି କରୁଥିବେ। ନବୁଝି ନେତା ହସିଲେ ଏମାନେ ହସିବେ, ନେତା କାନ୍ଦିଲେ ଏମାନେ କାନ୍ଦିବେ, ନେତା ତାଳି ମାରିଲେ ଏମାନେ ବି ତାଳି ମାରିବେ, ନେତାର ମିଛକୁ ସତକହି ପ୍ରଚାର କରିବେ।

ଟିକେଟ୍ ବଣ୍ଟନ ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା। କେଉଁ ଅଞ୍ଚଳରୁ କିଏ ପ୍ରାର୍ଥୀ ହେବେ ଏହା ସେହି ଅଞ୍ଚଳର କର୍ମୀମାନେ ବାଛିବା ହେଉଛି ଗଣତାନ୍ତ୍ରିକ ପଦ୍ଧତି। ପରିପକ୍ୱ ଗଣତନ୍ତ୍ରରେ ଏପରି ହୁଏ। ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ପରି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟା କର୍ମୀଠାରୁ ଆରମ୍ଭ ହୁଏ। ଗୋଟିଏ ଦଳର କର୍ମୀମାନେ ବାଛନ୍ତି ସେହି ଦଳରୁ କିଏ ପ୍ରାର୍ଥୀ ହେବେ। ଆମ ଦେଶରେ ସେପରି ହୁଏ ନାହିଁ। ଏଠାରେ ଗୋଟିଏ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ହାଇକମାଣ୍ଡ ନିର୍ଣ୍ଣୟ କରନ୍ତି। ଟିକେଟ ଉପରୁ ଆସେ। ଯାହା ଉପରେ ହାଇକମାଣ୍ଡ ସନ୍ତୁଷ୍ଟ ହୁଅନ୍ତି ତାକୁହିଁ ଟିକେଟ ଦିଅନ୍ତି। ଅନେକ ସମୟରେ ଯୁକ୍ତି ଆସେ ଯେ ହାଇକମାଣ୍ଡ ତାଙ୍କୁ ଟିକେଟ ଦିଅନ୍ତି ଯିଏ ଗୋଟିଏ ଅଞ୍ଚଳରେ ଲୋକପ୍ରିୟ ହୋଇଥାଏ। ଏଥିପାଇଁ ସର୍ଭେ ହୁଏ, ଲୋକଙ୍କ ମତ ନିଆଯାଏ ଇତ୍ୟାଦି। ବାସ୍ତବରେ ଏପରି ହୁଏ ନାହିଁ। ଅନେକ ରାଜନୈତିକ ଦଳ ଏପରି କରନ୍ତି ନାହିଁ। ଯେଉଁମାନେ ଏପରି କରନ୍ତି ତାହା ନାମକୁ ମାତ୍ର। ବାସ୍ତବତା ସହିତ ଏହାର କୌଣସି ମେଳ ନଥାଏ।

ପ୍ରାୟତଃ ଦେଖାଯାଏ ଯିଏ ଲୋକପ୍ରିୟ ଓ ପ୍ରଭାବଶାଳୀ ସେ ଟିକେଟ୍ ପାଏ ନାହିଁ। ଯିଏ ଚାଟୁକାର, ଯାହା ପାଖରେ ଅର୍ଥବଳ ଓ ବାହୁବଳ ରହିଛି ସିଏ ଟିକେଟ ପାଏ। ଫଳରେ ଗଣତନ୍ତ୍ରର ମୂଳମନ୍ତ୍ର ଯେଉଁ ଉତ୍କୃଷ୍ଟ, ସଚ୍ଚୋଟ, ଜ୍ଞାନୀ ଓ ପାରଦର୍ଶୀ ଲୋକମାନେ ପ୍ରତିନିଧିତ୍ୱ କରିବେ, ତାହା ବ୍ୟାହତ ହୁଏ। ଗଣତାନ୍ତ୍ରିକ ବ୍ୟବସ୍ଥା ଆଦର୍ଶହୀନ ହୋଇଯାଏ। ଏହା ମୁଷ୍ଟିମେୟ ସ୍ୱେଚ୍ଛାଚାରୀଙ୍କ ହାତକୁ ଚାଲିଯାଏ। ରାଜନୈତିକ ଦଳଗୁଡିକ ବ୍ୟକ୍ତିଗତ ଅଥବା ଗୋଷ୍ଠୀଗତ କମ୍ପାନୀରେ ପରିଣତ ହୁଏ। ସାଧାରଣ ଲୋକଙ୍କ ନିକଟରେ ଅନ୍ୟ କୌଣସି ବାଟ ନଥାଏ, ସେମାନଙ୍କୁ ଏହି କମ୍ପାନୀ ମାନଙ୍କ ମଧ୍ୟରୁ ଗୋଟିଏକୁ ବାଛିବାକୁ ହୁଏ। ଟିକେଟ ବ୍ୟବସ୍ଥା ଏ ପ୍ରକ୍ରିୟାକୁ ଆହୁରି ପ୍ରସାରିତ କରେ। ଫଳରେ ବିଭିନ୍ନ ରାଜନୈତିକ ଦଳ ନାମରେ କ୍ରମେ ଅନ୍ଧଭକ୍ତଙ୍କ ଫୌଜ ତିଆରି ହୁଏ। ବିତର୍କ ସମାପ୍ତ ହୁଏ।

ଟିକେଟ ବ୍ୟବସ୍ଥା ଗଣତନ୍ତ୍ର ପାଇଁ ବିପଦ। ଏ ଦିଗରେ ନିର୍ବାଚନ ଆୟୋଗ ସଂଜ୍ଞାନ ନେବା ଉଚିତ୍ ଯେ କୌଣସି ଦଳର ପ୍ରାର୍ଥୀ ଚୟନ ଗଣତାନ୍ତ୍ରିକ ଉପାୟରେ ହୋଇଛି କି ନାହିଁ। ଅର୍ଥାତ ସମ୍ପୃକ୍ତ ଅଞ୍ଚଳର କର୍ମୀଙ୍କ ସମର୍ଥନରେ ହୋଇଛି କି ହାଇକମାଣ୍ଡଙ୍କ ଇଚ୍ଛାମତେ ହୋଇଛି ତାହା ତଦାରଖ କରିବା ଉଚିତ। ଆଞ୍ଚଳିକ କର୍ମୀଙ୍କ ଅନୁମୋଦନ ବିନା ଟିକେଟ୍ ଦିଆ ଯାଇଥିବା ପ୍ରାର୍ଥୀଙ୍କୁ ନାକଚ କରାଯିବାର ବ୍ୟବସ୍ଥା ହେଉ। ପ୍ରଚଳିତ ଟିକେଟ୍ ବ୍ୟବସ୍ଥା ଦିନେ ଗଣତନ୍ତ୍ରକୁ ଗ୍ରାସ କରିଯିବ, ଦେଶକୁ ଏକଛତ୍ରବାଦ ଆଡକୁ ଟାଣିନେବ। ଗଣତନ୍ତ୍ର ତାର ମୌଳିକତା ହରାଇବ।

# ଭିକାରୀ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଦୁଇଟି ପେଶାରେ ସାରା ପୃଥିବୀରେ ଭାରତୀୟମାନଙ୍କୁ କେହି ଟକକର ଦେଇ ପାରିବେନି । ସାରା ପୃଥିବୀରେ ସେମାନେ ଶ୍ରେଷ୍ଠ । ତହିଁରୁ ଗୋଟେ ହେଲା : ଆଇଟି (ଇନ୍‌ଫର୍ମେସନ୍ ଟେକ୍‌ନଲଜି), ଆଉ ଆରଟି ହେଲା ଭିକ୍ଷାବୃତ୍ତି ।

ଆଇଟିବାଲାଙ୍କ ଭଳି ଭାରତୀୟ ଭିକାରୀମାନେ ମଧ୍ୟ ପୃଥିବୀ ଶ୍ରେଷ୍ଠ । ଅନେକେ ଭିକ୍ଷା ବୃତ୍ତି ଶବ୍ଦଟି ଦେଖିଲାମାତ୍ରେ ନାକ ଟେକିବେଣି । ଏମିତି ନାକ ଟେକା ଲୋକଙ୍କ ଜାଣିବା ପାଇଁ କହିଦିଏ- ଭିକ ମାଗିବା ଯାଇତାଇ ବେପାର ନୁହେଁ । ଏହା ଏକ କଳା । ଭାରତୀୟମାନଙ୍କ ଭଳି ଏ କଳାକୁ ଆଉ କେହି ଶିଖିନାହାନ୍ତି । ଆମେ ଏଥିରେ ଏକ୍ସପର୍ଟ । ଆଜି ବୋଲି ନୁହେଁ- ବହୁଦିନୁ ଏକ୍ସପର୍ଟ ।

ଆମର ପ୍ରାଚୀନ ଜଣାଣ, ଭଜନରେ ଭିକ ମାଗିବାର ଟେକ୍‌ନିକ୍ ଏବଂ କଳା ସମ୍ପର୍କରେ ବହୁ ଉଦାହରଣ ରହିଛି । ଉଦାହରଣ ଭାବରେ ପ୍ରଭୁହେ କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ, ଜନ ମାଗୁନାହିଁ, ମାଗୁଛି ଶରଧାବାଲିରୁ ହାତେ – ଜଣାଣଟିକୁ ନିଆଯାଇପାରେ । ଧନ ମାଗୁନି, ଜନ ମାଗୁନି, ମାଗୁଛି କଣ ନା- ଶରଧାବାଲିରୁ ହାତେ । ଆଜିକାଲିର ବିଲଡରମାନଙ୍କୁ ପଚାରନ୍ତୁ ଶରଧାବାଲିରେ ହାତେ ଜମିର ଦାମ କେତେ ?

ଅନେକେ ଭାବନ୍ତି, ଭିକ ମାଗିବାରେ କିଛି ପରିଶ୍ରମ ନାହିଁ । ଖାଲି ବାବୁ ଦିଟା ମିଳୁ କୁହାଟ ଛାଡ଼ିଲେ ଲୋକେ ଭିକ ଆଣି ଅଜାଡ଼ି ଦେବେ । ନୋ ସାର । ବେପାରଟା ଏତେ ସରଳ ଏବଂ ସୁବିଧା ନୁହେଁ। ବିଦେଶରେ ଏମିତି ହେଉଥିଲେ ହେଉଥାଇପାରେ । ବିଦେଶରେ ଭିକାରୀମାନେ ଭାରି ଅଳସ । ଗୋଟେ ଟୋପି ଖୋଲି ରଖିଦେଇ ଥୁଣ୍ଟା ଗଣ୍ଡିଟା ପରି ବସିଥିବେ । କିମ୍ବା ଗୀଟାର ଫିଟାର ବଜଉଥିବେ । ଲୋକେ ତାଙ୍କର ଦେଲେ ଯଦି ଦେଲେ । ଏଠି ସେମିତି ନାହିଁ । ଭିକ ମାଗିବା ପାଇଁ ରୀତିମତ ପରିଶ୍ରମ କରିବାକୁ ପଡ଼େ । ବାବୁ ଏ ବାବୁ..., ମା, ଏ ମା... ବୋଲି ଡାକ ଛାଡ଼ିବାକୁ ପଡ଼େ । ବଡ଼ ପାଟିରେ ଗୀତ ଗାଇବାକୁ ପଡ଼େ । ନିଜର ଖଣ୍ଡିଆ ହାତ ଗୋଡ଼ ପେଟ ଦେଖେଇବାକୁ ପଡ଼େ ।

ଖାଲି ଶାରୀରିକ ପରିଶ୍ରମ ନୁହେଁ । ଭିକ ମାଗିବା ପାଇଁ ମାନସିକ ପରିଶ୍ରମ ବି କିଛି କମ ନୁହେଁ । ସମ୍ଭାବ୍ୟ ଦାତାର ମନସ୍ତତ୍ତ୍ୱ ବିଶ୍ଳେଷଣ କରିବାକୁ ପଡ଼େ। କଣ କହିଲେ ସେ ଭିକ ଦେବ – ସେକଥା ଚିନ୍ତା କରିବାକୁ ପଡ଼େ । କାହାକୁ କହିବ ଈଶ୍ୱର ତମର ମଙ୍ଗଳ କରିବେ, କାହାକୁ କହିବ ତୋ ପୁଅଝିଅର ବଢ଼ତି ହେଉ, କାହାକୁ କହିବ କୋଟି ପରମାୟୁ ହେଉ, କାହାକୁ କହିବ ତୁମେ ମିସ୍ ୱାର୍ଲଡ୍ ହେବ- ଏହା ଚିନ୍ତା କରିବାକୁ ପଡ଼େ । ଭୁଲ ଲୋକ ପାଖରେ ଭୁଲ କଥା କହି ଭିକ ମାଗିବାକୁ ଗଲେ ନ ମିଳିବାର ଆଶଙ୍କା ଅଧିକ ।

ଭିକ ମାଗିବା ପାଇଁ ପୁଣି ନିଷ୍ଠା ଦରକାର । ଇଂରାଜୀରେ ଯାହାକୁ କହନ୍ତି ପରସିଭେରେନସ- ଲାଗି ରହିବାର କଳା ଦରକାର । କେହି ମନା କଲେ, ସାଙ୍ଗେ ସାଙ୍ଗେ ଫେରି ଆସିବନି । ଲାଗିଥିବ । ପଛେ ପଛେ ଗୋଡ଼ଉଥିବ । ପୁରୀ ଶ୍ରୀମନ୍ଦିର ବାହାରେ ଭିକାରିମାନଙ୍କୁ ଦେଖିଛନ୍ତି ତ ! ଆପଣ ଯେତେ ମନା କରୁଥାନ୍ତୁ, ସେମାନେ ପଛେ ପଛେ ଚାଲିଥିବେ । ଶେଷକୁ ଜଣେ ବାଧ ହୋଇ ଟଙ୍କାଏ ଅଧୁଲିଏ ଫୋପାଡ଼ିଦେବନା ! ସେ ତାର ଦୟାରେ ଦେଉ ବା ବିରକ୍ତିରେ ଦେଉ, ଦେଲା ନା ! କାହାରି ବିରକ୍ତି, ରାଗ ରୋଷକୁ ଭୃକ୍ଷେପ କଲେ ଭିକ ମାଗିବା ହେବନି । ଲାଜ ଆଉ ଭୟ ଥିଲେ ଆଉ ଯାହା ହେବ ଭିକ୍ଷାବୃତ୍ତି କରି ହେବନି ।

ଏଯାଏଁ ପଢ଼ିଲା ପରେବି ଯେଉଁମାନେ ଭିକ ମାଗିବାଟାକୁ ଭଲ ମନରେ ଗ୍ରହଣ କରି ପାରିନାହାନ୍ତି, ସେମାନଙ୍କ ପାଇଁ କହିଦିଏ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ମାନେ, ବହୁ ରାଷ୍ଟ୍ରୀୟ କମ୍ପାନିମାନେ ଭିକ ମାଗିବାର କଳାକୁ କିଭଳି ଭାବେ ବ୍ୟବହାର କରୁଛନ୍ତି ଲକ୍ଷ୍ୟ କରନ୍ତୁ । କାହାକୁ ଭିକ ମଗାଯିବ (ଟାର୍ଗେଟ୍ ଆଇଡେନ୍‌ଟିଫିକେସନ୍)ଠୁଁ ଆରମ୍ଭ କରି କଣ କହି ଭିକ ମଗାଯିବ(ବିଜ୍ଞାପନର ଭାଷାରେ ଯାହାକୁ ୟୁନିକ୍ ସେଲିଂ ପ୍ରୋପୋଜିସନ୍ କହନ୍ତି), କେମିତି ବାଗରେ ଟାର୍ଗେଟ୍‌କୁ ଶେଷ ଯାଏଁ ଅନୁସରଣ କରାଯିବ- ଏ ସବୁଥିରେ ସେମାନେ ପାରମ୍ପରିକ ଭିକ୍ଷାବୃତ୍ତିର କୌଶଳକୁ ଆପଣଉଛନ୍ତି ।

ଭିକ୍ଷାବୃତ୍ତି ସପକ୍ଷରେ ଏତେ ଫେଣେଇ କହିବାର ଉଦ୍ଦେଶ୍ୟ ହେଉଛି ଯେ କିଛି ଖଳ ଲୋକ ଭିକ୍ଷାବୃତ୍ତିକୁ ନାକ ଟେକୁଥିଲେହେଁ ଆମ ସରକାର ସେଥିକୁ କାନ ନ ଦେଇ ଏ ବୃତ୍ତି ଜାରି ରଖିଛନ୍ତି । ଆମେ ପଡ଼ୋଶୀ ରାଜ୍ୟମାନଙ୍କୁ ମାଗୁଛୁ, କେନ୍ଦ୍ରକୁ ମାଗୁଛୁ, ବିଶ୍ୱବ୍ୟାଙ୍କ୍‌କୁ ମାଗୁଛୁ । ଛୋଟା ଭିକାରୀ ଯେମିତି କହେ, ବାବୁ ଛୋଟାକୁ କିଛି ଦିଅ, ଅନ୍ଧ ଭିକାରି କହେ, ମା ଅନ୍ଧକୁ ଦିଟା ଦିଅ, ସେମିତି ଆମେ କହୁଛୁ, ମଣିମାମାନେ ଦେଖ ଆମେ ଗରୀବ, ଆମେ ଖାଇବାକୁ ପାଉନୁ, ପିନ୍ଧିବାକୁ ପାଉନୁ- ଆମକୁ କିଛି ଦିଅ । କେଉଁଦିନ ଭଲ ଭିକ ମିଳିଗଲେ ଯେମିତି ଭିକାରୀଟିଏ ଖୁସି ହୋଇଯାଏ, ତା ସମାଜରେ ଗର୍ବ କରେ- ଦେଖ ମୁଁ କେତେ ପାରିବାର ଭିକାରୀ, କେତେ ପାଇଛି, ଆମେ ସେମିତି କେନ୍ଦ୍ର କିମ୍ବା ବିଶ୍ୱବ୍ୟାଙ୍କ୍‌ରୁ ଅନୁଦାନ, ସାହାଯ୍ୟ ମିଳିଗଲେ ଖୁସି ହୋଇଯାଉ । ଗର୍ବ କରୁ । ଖବରକାଗଜରେ ତାହା ଶିରୋନାମା ହୁଏ : ଆମେ ଅମୁକଙ୍କଠୁଁ ଏତେ ଟଙ୍କା ଅନୁଦାନ(ପଢ଼ନ୍ତୁ ଭିକ୍ଷା) ପାଇଲୁ ।

ଭିକାରୀ ଯେମିତି ଭିକ୍ଷାବୃତ୍ତିରେ ଅଭ୍ୟସ୍ଥ ହୋଇଯାଏ, ଗୋଟେ ସମୟ ପରେ ଖଟି ଖାଇବାକୁ ତାକୁ ଭିଡ଼ ଲାଗେ, ସେଇ ଅବସ୍ଥାରେହିଁ ରହିବାକୁ ସୁଖ ପାଏ- ସେମିତି ଆମେ ବି ହୋଇଗଲୁଣି । ପର ହାତଟେକା ଧନରେ ଅଭ୍ୟସ୍ଥ ହୋଇଗଲୁଣି, ନିଜ ଗୋଡ଼ରେ ଠିଆ ହେବାକୁ ଏବେ ଆଉ ବୋଧେ ମନ ବି ହେଉନି । ଆଉ ଏଥିକୁ ଆମକୁ ଲାଜ ବି ଲାଗୁନି । ବରଂ ଓଲଟା । ଭିକ ଆଣିବାଟା ପାରିବାର ପଣରେ ଗଲାଣି ।

ପୂର୍ବରୁ କହିଛି : ଲାଜ ଥିଲେ ଭିକ୍ଷାବୃତ୍ତି ହେବନି । ଲାଜ ଥିଲେ ଆଉ ଗୋଟେ କାମ ବି ବିଲକୁଲ ହେବନି। ଭୋଟ ରାଜନୀତି ।

# ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର ! (୬)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ–୯୬୬୮୨୯୮୪୯୪

ଗାନ୍ଧିଜୀ ବଡ ବିଚଳିତ ହୋଇ ପଶ୍ଚିମ ପଞ୍ଜାବର ଦଙ୍ଗା ଅଞ୍ଚଳରୁ ଆସାମ, ଆସାମରୁ କଲିକତା, କଲିକତାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ବୁଲି ବୁଲି ଲୋକଙ୍କୁ ଆଶ୍ୱସନା ଦେବା ବ୍ୟତୀତ ଆଉ କୌଣସି ବିକଳ୍ପ ତାଙ୍କ ନିକଟରେ ନଥିଲା। ସତେ ଯେପରି ତାଙ୍କ ଆଖି ଆଗରେ ଭାସି ଯାଉଥିଲା ରକ୍ତ ଭିଜା ଭାରତର ହୃଦୟ ବିଦାରକ ଦୃଶ୍ୟ। ଗାନ୍ଧୀ ହେଲେ ନିଃସଙ୍ଗ ପଦାତିକ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ଦେଖିଲା ସ୍ୱାଧୀନତାର ସୂର୍ଯ୍ୟ। ଗଙ୍ଗାଠାରୁ ଗୋଦାବରୀ ଓ କାଶ୍ମୀରୀ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆବାଳ ବୃଦ୍ଧ ବନିତାଙ୍କ ଦେହରେ ସ୍ୱାଧୀନତାର ଅପୂର୍ବ ତରଙ୍ଗ ଖେଳିଯାଉଥିଲା ସ୍ୱର୍ଗିତ ଭାବାବେଗରେ। ଦିଲ୍ଲୀର କିଙ୍ଗସୱେ ରୋଡ, ଗଭର୍ଣ୍ଣର ଜେନେରାଲଙ୍କ ବାସଭବନ ବା ଆଜିର ରାଷ୍ଟ୍ରପତି ଭବନ, ଲୋକସଭା ପରିସରରେ ଏକତ୍ରୀତ ହୋଇ ହଜାର ହଜାର ଲୋକ ସ୍ୱାଧୀନତାର ମହାର୍ଘ ଆନନ୍ଦକୁ ଉପଭୋଗ କରିଥିଲେ। ଇଣ୍ଡିଆ ଗେଟ ଓ ଐତିହାସିକ ଲାଲକିଲ୍ଲାର ଲାହୋରୀ ଗେଟଠାରେ ସେଦିନ ବ୍ରିଟିଶ ଶାସନର ୟୁନିଅନ ଜ୍ୟାକ ପତାକାକୁ ଖସାଇଦେଇ ତ୍ରିରଙ୍ଗା ଦଣ୍ଡାକୁ ଉଡାଇ ଦିଆଗଲା। ଜେଲରୁ ସମସ୍ତ ବନ୍ଦୀଙ୍କୁ ମୁକ୍ତ କରି ଦିଆଗଲା। ଏତେ ବିପୁଳ ଆନନ୍ଦ, ଅଫୁରନ୍ତ ଉତ୍ସାହ ଉଦ୍ଦୀପନା, ତମାମ ଭାରତ ବର୍ଷରେ ଲହରୀ ଖେଳୁଥିଲା ବେଳେ ମହାତ୍ମାଗାନ୍ଧୀ ଦିଲ୍ଲୀରେ ନଥିଲେ। ସେ ଥିଲେ କଲିକତାରେ, କଲିକତାର ମୁସଲମାନ ଅଧ୍ୟୁଷିତ ଅଞ୍ଚଳ ବେଲିଆଘାଟ ସ୍ଥିତ ହାଇଦର ମଞ୍ଜିଲର ଏକ ଅପରିଷ୍କୃତ କୋଠି, ସେହି କୋଠିର ଏକ ନିଭୃତ କୋଠାରେ ସେ ଜୀବନ ବିତାଉଥିଲେ। ଦିଲ୍ଲୀଠାରେ ଅନୁଷ୍ଠିତ ହେଉଥିବା ସ୍ୱାଧୀନତା ଦିବସର ଭବ୍ୟ ସମାରୋହରେ ଯୋଗ ଦେଇନଥିଲେ। ଏହି ଭବ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରି ପଣ୍ଡିତ୍ ନେହେରୁ ଏକ ଅଶ୍ରୁଭିଜା ପତ୍ର ଦେଇ ଜଣେ ବିଶ୍ୱସ୍ତ ଦୂତକୁ କଲିକତାରେ ଥିବା ମହାତ୍ମାଗାନ୍ଧୀଙ୍କ ନିକଟକୁ ପଠାଇଥିଲେ। କଲିକତାର ହାଇଦର୍ ମଞ୍ଜିଲ୍‌ରେ ରହୁଥିବା ମହାତ୍ମାଗାନ୍ଧୀଙ୍କୁ ପତ୍ରବାହକ ଜଣକ ନେହେରୁଙ୍କ ପତ୍ରଟି ବଢାଇ ଦେଇ ଅତ୍ୟନ୍ତ ବିନମ୍ରତାର ସହ କହିଲେ ବାପୁ! ଦେଶ ସ୍ୱାଧୀନ ହେଲା। ଆପଣ ଏ ଶପଥ ଗ୍ରହଣର ମହୋତ୍ସବରେ ଯୋଗ ନଦେଲେ ସବୁ କିଛି ଅଧୁରା ରହିଯିବ। ଗାନ୍ଧିଜୀଙ୍କ ଚକ୍ଷୁରୁ ଝରି ଯାଉଥିବା ଲୁହ ଗୁଡାକରେ ତାଙ୍କର ବକ୍ଷସ୍ଥଳ ଭିଜି ଯାଇଥିଲା। କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା। ଏ ଲୁହ, ଏ ବାଷ୍ପରୁଦ୍ଧ କଣ୍ଠସ୍ୱରରେ କେବେବି ନଥିଲା କ୍ଷମତା ଲାଳସାର ଲୁହ। ତାଙ୍କ ଲୁହରେ ଥିଲା ଭାରତମାତାର ହୃଦୟ ବିଦାରକ ସ୍ୱାଭିମାନର ଲୁହ, ଶହ ଶହ ବର୍ଷର ସଂଘର୍ଷ, ହୃଦୟ ବଦାରକ ସଂଘର୍ଷର ଅନ୍ତିମ ପରିଣତି ଯେ ଏକ ବିଭାଜିତ ଭାରତବର୍ଷ ହେବ ତାହା କେବେବି ଗାନ୍ଧୀ କଳ୍ପନା କରିନଥିଲେ। ଏହିପରି ବିଭାଜନ ଭାରତବର୍ଷର ବିଭତ୍ସ ରୂପକୁ ଦେଖିବା ପାଇଁ କଣ ଗୋପାଳ କୃଷ୍ଣ ଗୋଖେଲଙ୍କ ଅନୁରୋଧକୁ ଏଡାଇ ନପାରି ସବୁଦିନ ପାଇଁ ଦକ୍ଷିଣ ଆଫ୍ରିକାରୁ ସେ ଭାରତ ଫେରି ଆସିଥିଲେ। ୧୯୧୭ ଠାରୁ ୧୯୪୭ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ କାଳ ଜାତୀୟ କଂଗ୍ରେସର ଆଦର୍ଶ ସହ ଅନେକ ଥର ତାଙ୍କର ମତଭେଦ ହୋଇଛି। ବହୁ ତୁଙ୍ଗ ନେତୃମଣ୍ଡଳୀଙ୍କ ସହିତ ବି ମନାନ୍ତର ହୋଇଛି। ବହୁବାର ସେ ଆମରଣ ଅନଶନ କରିଛନ୍ତି, କିନ୍ତୁ ପରିଣାମ ଯେ ଭୟାନକ ସାମ୍ପ୍ରଦାୟିକ ଦଙ୍ଗାର ରାକ୍ଷସ ଏ ଦେଶର ଲକ୍ଷ ଲକ୍ଷ ଜନତାଙ୍କ ଜୀବନ ଓ ଜୀବିକାକୁ ଜାଳି ପୋଡି ଛାରଖାର କରିଦେବ, ଏକଥା ଗାନ୍ଧୀ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ। ଏହିପରି ଚିନ୍ତା କରି କରି ହାଇଦର ମଞ୍ଜିଲରୁ ଗୋଟିଏ ବାର୍ତ୍ତା ଦେଇ ଦୂତକୁ କହିଲେ ଯେ ଜବାହାରଙ୍କୁ କହିବ ଏ ସ୍ୱାଧୀନତା ଦିବସକୁ ନିରାଡମ୍ବର ଭାବରେ ପାଳନ କରିବେ। ଏବେ ତମାମ ଭାରତବର୍ଷ ସମ୍ମୁଖରେ ଏବେ ବିରାଟ ଆହ୍ୱାନ। ବର୍ତ୍ତମାନ ଦେଶରେ ଉତ୍କଟ ଖାଦ୍ୟାଭାବ, କୃଷକ ଶ୍ରମିକଙ୍କ ଆନ୍ଦୋଳନ ଉତ୍କଟ ରୂପ ନେବାକୁ ଆରମ୍ଭ କଲାଣି। ଏହି ପରିପ୍ରେକ୍ଷୀରେ ଏହି ଦିବସଟିକୁ ଆମେମାନେ ଉପବାସ ରହି ପାଳନ କରିବା ଉଚିତ। ଏହି ବାର୍ତ୍ତାଟିକୁ ଦୂତ ହାତରେ ନେହେରୁଙ୍କ ପାଇଁ ନିର୍ଦ୍ଦେଶ କରି ଦିଲ୍ଲୀ ପଠାଇଦେଇଥିଲେ। ଏବେ ମହାଆନନ୍ଦ ଉଲ୍ଲାସର ସହ ଭାରତବର୍ଷ ମହାସମାରୋହରେ ସମାପନ କଲା ୮୦ତମ ସ୍ୱାଧୀନତା ଦିବସ। ରାଜା, ମହାରାଜା, ବାଦଶାହାଙ୍କ ଭଳି ଦୃଶ୍ୟମାନ ହେଉଥିବା କେତେ କେତେ ଛୋଟ, ବଡ ନେତାମାନଙ୍କ କଣ୍ଠରୁ ନିର୍ଗତ ହୋଇଗଲା ସ୍ୱାଧୀନତା ଦିବସର ଐତିହାସିକ ସ୍ମୃତିଚାରଣ ଆମଭଳି ଅକିଞ୍ଚନ ସାଧାରଣ ମଣିଷମାନଙ୍କ ପାଇଁ। (କ୍ରମଶଃ)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଭାଲୁ

ସୁନନ୍ଦା ମହାନ୍ତି

ଇତିହାସ ବିଭାଗର ପ୍ରଫେସରଙ୍କ ବିଦାୟୀ କାଳୀନ ଦୃଶ୍ୟ ଖୁବ ଦୁଃଖଦ ଥିଲା। ପଢିବା ଓ ପଢେଇବା ପୁଣି ଇତିହାସର ତର୍ଜମା କରୁ କରୁ ସେ ସଂସାର ଭୁଲିଯାଇଥିଲେ। ସଂସାର ପାଇଁ କିଛି କର୍ତ୍ତବ୍ୟ ଅଛି ବୋଲି ମଧ୍ୟ ଭାବିପାରୁନଥିଲେ ବୋଲି ସ୍ତ୍ରୀ ପ୍ରିୟମ୍ୱଦା କୁକୁରଟିଏ ଘରକୁ ନେଇଆସିଥିଲେ। ତାର ଜାତି, ପ୍ରଜାତି, ଜନ୍ମସ୍ଥଳୀ ଆଦିର ଠିକଣା ଭୁଲି ସେ ପ୍ରଫେସର ବିନୋଦଙ୍କ ଘରର ସଦସ୍ୟ ହୋଇଗଲା। ସ୍ତ୍ରୀଙ୍କର ସେ ଜୀବନ ଧନ ଥିଲା। ପୁଅର ଖେଳ ସାଥି ଓ ଝିଅର ବଡ଼ିଗାର୍ଡ କହିଲେ ଅତ୍ୟୁକ୍ତି ହେବନାହିଁ। ସକାଳୁ ସକାଳୁ ପ୍ରିୟମ୍ୱଦା ତା ରୁଟି କ୍ଷୀର କି କ୍ଷୀର ବିସ୍କୁଟ ସଜାଡି ରଖୁଥାନ୍ତି ସିନା ଭାଲୁ ଗିନାରେ କିନ୍ତୁ ଭାଲୁ ଛକି ବସିଥାଏ ବଲ ଓ କ୍ରିକେଟ ରଖାଥିବା ସ୍ଥାନରେ। ପୁଅ ରୁଦ୍ର କେବେ ଟିଫିନ ସାରି ଆସିଲେ ପଡିଆ ଭିତରେ ତାର ମଧ୍ୟ ଟିକେ ଶାରୀରିକ ବ୍ୟାମ ହେଇଯିବ। ସେମିତି ଝିଅ ରୁଦ୍ରାଣୀ ସାଇକେଲ ନେଇ କଲେଜ ଗଲେ ତା ପଛରେ ଗୋଡ଼ାଇଥିବ କଲେଜ ଯାଏଁ ଓ ଫେରିବ ସେ କଲେଜରୁ ଆସିଲେ। ପରିବାରର ସ୍ତ୍ରୀ, ପୁଅ, ଝିଅଙ୍କ ସଙ୍ଗେ ତାର ଏତେ ଭାବ ଭିତରେ ପ୍ରଫେସର ବିନୋଦଙ୍କ ସଙ୍ଗେ କଣ କିଛି ସଦ୍ଭାବ ନଥିଲା! ଥିଲା। ଜଗିଥିବ କ୍ୱାଟରରେ ବିନୋଦଙ୍କ କାର ଲାଗିବା ଯାଏଁ। ବିନୋଦଙ୍କ କଲେଜ ଫେରନ୍ତି କାର ଲାଗିଗଲେ କି ଉନ୍ମତ୍ତ ସିଏ! ବିନୋଦ ବସି ପଢାପଢିରେ ବ୍ୟସ୍ତ ଥିବା ବେଳେ ଦୂରରୁ ନିରୀକ୍ଷଣ କରୁଥାଏ ଭାଲୁ। କେବେ କେମିତି ଗୋଟେ ଦିଟା ସିଗ୍ରେଟ ପିଇଲେ କିଛି ପ୍ରତିକ୍ରିୟା ପ୍ରକାଶ କରୁନଥିବା ଭାଲୁ କିନ୍ତୁ ତିନିଟାରେ ମ୍ୟାଚିସ ଲାଗିଲେ ଭୁକେ ଏମିତି ଯେମିତି ବିନୋଦଙ୍କୁ କରୁଥାଏ ଆକଟ। ଖାଲି କଣ ସେତିକି ରାତିରେ ହୁଇସ୍କ ବୋତଲ ଖୋଲି ଗୋଟେ ପେଗ ପିଇ ଦ୍ୱିତୀୟ ପେଗ ନେବାକୁ ଯିବାବେଳେ ଉଠିଆସେ ଭାଲୁ ପାଖକୁ ଆଉ ହାତ ରଖେ ବିନୋଦଙ୍କ ହାତରେ। ତା ଉଦେଶ୍ୟ ବୁଝନ୍ତି ବିନୋଦ ଓ ରଖିଦିଅନ୍ତି ହୁଇସ୍କ ବୋତଲ। ଖାସ ସେଇଥିପାଇଁ ପ୍ରିୟମ୍ୱଦାଙ୍କର ଅତି ପ୍ରିୟ ଭାଲୁ। ଖୁବ ଗେଲ କରନ୍ତି ତାକୁ। ଭାଲୁ ମଧ୍ୟ ବାହାରୁ ଗାଳି କି ଟେକା ମାଡ଼ ଖାଇ ଆସିଥିଲେ ଭିଡୁଥାଏ ପ୍ରିୟମ୍ୱଦାଙ୍କ ପଣତ। ଯେମିତି ଛୋଟ ଛୁଆ ମା ପାଖରେ ଅଭିଯୋଗ କରନ୍ତି ମତେ ସିଏ ମାରିଛି କି ଠେଲିଦେଇଛି ତୁ ଆସେ ବୁଝିବୁ। ପ୍ରିୟମ୍ୱଦା ବି ଦଉଡିଯାଆନ୍ତି କ୍ୱାଟର ଆଗକୁ ଆଉ ଦି ପଦ ଶୁଣେଇ ଦିଅନ୍ତି ଭାଲୁକୁ ଆମ ଅଲକ୍ଷ୍ୟରେ ଯିଏ ବାଡେଇଛି କି ବକିଛି ଅବା ଟେକା ପକେଇଛି ତାର ସର୍ବନାଶ ହେଉ। ସ୍ତ୍ରୀଙ୍କୁ ଆକଟିବାକୁ ଉଠି ଯାଉ ଯାଉ ବିନୋଦ ବାବୁଙ୍କୁ ରୋକୁଥାଏ ଭାଲୁ। ବ୍ୟକ୍ତିଗତ ଜୀବନର ଏଇ ଇତିହାସ ପୁନଃ ପୁନଃ ପ୍ରକଟିତ ହେଉଥିଲା ବେଳେ ବିନୋଦ ଭାବନ୍ତି ଲିଖିତ ଇତିହାସ ମଧ୍ୟ ଏମିତି କିଛି ଘଟିଯାଇଥିବା ବିବୃତି, ଘଟଣା ପ୍ରବାହର କିମ୍ବଦନ୍ତୀ। ତାହାକୁ କିଏ ବଦଳାଇବ!

ବ୍ୟକ୍ତିଗତ ଭାବେ ପ୍ରତିଦିନର ଇତିହାସ କିନ୍ତୁ ବଦଳିଲା ବିନୋଦ ବାବୁଙ୍କ ପରିବାରରେ। ସ୍ତ୍ରୀ ଚାଲିଗଲେ ସେଇ ଅଫେରା ରାଇଜକୁ, ଯୋଉଠିକୁ ଥରେ ଗଲେ ଆଉ କେହି ଫେରେନା, ପୁଅର ଚାକିରି ହୋଇଗଲା ଆଉ ଝିଅର ବାହାଘର ପରେ ଝିଅ ଚାଲିଗଲା ଶାଶୁଘର। ଲୋକେ ଓ ସହକର୍ମୀମାନେ କହିଲେ ବିନୋଦ ବାବୁ କପାଳିଆ। ଚାକିରି ଥିବା ଭିତରେ ସ୍ତ୍ରୀ ଅହିସୁଲକ୍ଷଣି ହୋଇ ଗଲେ, ପୁଅର ଚାକିରି ହେଇଗଲା ଓ ଝିଅର ବିଭାଘର। ବାକି ରହିଲା ପୁଅର ବାହାଘର ଯେ, ସେଇଟା କୋଉ ବଡ଼କଥା! ପୁଅ ତା ପସନ୍ଦରେ ଝିଅ ଖୋଜି ବିବାହ କରିନେବ। ଏତେସବୁ ମନ୍ତବ୍ୟ ଶୁଣି ବିନୋଦ ବାବୁ ଏକଦମ ଚୁପ ରହୁଥିଲେ କାରଣ ଭାଲୁ ଥିଲା ତାଙ୍କର ଏକମାତ୍ର ସାହାରା। ସ୍ତ୍ରୀଙ୍କ ଭଳି ଜଗିରହୁଥିଲା କଲେଜରୁ ଫେରିବା ଯାଏଁ। ସଚେତନ ଥିଲା ପୁଅ ଭଳି ଯେ ସିଗାରେଟ ଖାଇଲେ ସ୍ୱାସ୍ଥ୍ୟ ବିଗିଡ଼ିଯାଇପାରେ ପୁଣି ହୁଇସ୍କ ଅଧିକ ପେଗ ନେଲେ ଝିଅ ଭଳି ଅଭ୍ୟାସ ବଦଳେଇ କେବେ ହାତ ଉପରେ ହାତ ରଖି ବାରଣ କରୁଥିଲା ତ କେବେ କେବେ କାଚ ଗ୍ଲାସଟିକୁ ଝଣ ଝଣ କରି ତଳେ ପକେଇ ଭାଙ୍ଗୁଥିଲା। ଏସବୁ ଭିତରେ ବିନୋଦଙ୍କର ଅବସର ଆସିଯାଇଥିଲା ତ ତାଙ୍କୁ ଫେରିବାକୁ ହେବ। କ୍ୱାଟର ଛାଡିବାକୁ ପଡିବ। ନିର୍ଦ୍ଦିଷ୍ଟ ଦିନ ଟ୍ରକ ଲାଗିଲା, ଜିନିଷ ପତ୍ର ନଦା ହେଲା। ବିନୋଦ ବାବୁ ଏଥର ଭାଲୁ ବେକରେ ଶିକୁଳି ଲଗାଇ ଟାଣି ଧରିଲେ ଓ ଆଖିରେ ଆଖି ମିଶାଇ ସେଇ ମିଠି ମିଠି ଭାଷା କହୁଥିଲେ। ଚାଲ ଭାଲୁ। ତୋର ମୋର ମିଶି ନୂଆ ଘରେ ପୁଣି ନୂଆ ସଂସାର ବସେଇ ନୂଆ ଇତିହାସ ରଚିବା। ଭାଲୁ କିନ୍ତୁ କୁଁ କୁଁ ହେଲା। ଟାଣି ଟୁଣି ଶିକୁଳି ଫିଟାଇଲା ଓ ଫିଟି ଯାଇ ଟିକେ ଦୂରରେ ଠିଆ ହୋଇ କୁଁ କୁଁ ହୋଇ ଲୁହ ଗଡେଇ ଚାଲିଥିଲା କିନ୍ତୁ ପାଖକୁ ଗଲେ ଦଉଡି ପଳାଉଥିଲା ତ ସହକର୍ମୀ ଓ ପୁରୁଣା ଛାତ୍ରମାନେ ବ୍ୟସ୍ତ ହେଲେ। ପରେ ଆସି ଭାଲୁକୁ ନେଇଯିବେ କହିଲେ। ଟ୍ରକ ଛାଡିଦେଲା। ବିନୋଦ ବାବୁଙ୍କ ଜୀବନରୁ ଜଣଙ୍କ ପରେ ଜଣେ ଅପସରି ଯିବା ଓ ଶେଷକୁ ଭାଲୁ ତାଙ୍କ ସଙ୍ଗେ ନଆସିବା ସବୁକୁ ନେଇ ସେ ଇତିହାସରୁ ସାହିତ୍ୟିକ ହୋଇଗଲେ ସତ କିନ୍ତୁ ଭୁଲିପାରିନଥିଲେ ଭାଲୁକୁ। ଏକଦମ ଚୁପ ଥିଲେ ଏଯାବତ।

ପୂଜା ଛୁଟି ହେଲେ ମଧ୍ୟ ସବୁ ପୁରୁଣା ଛାତ୍ର, ଛାତ୍ରୀ ଓ ସହକର୍ମୀମାନେ ତାଙ୍କୁ ନିମନ୍ତ୍ରଣ କରିଥିଲେ ସେହି ପୁରୁଣା ତଥା କର୍ମସ୍ଥଳୀକୁ। ତ ଭାଲୁକୁ ଦେଖିବା ଆଶାରେ ବିନୋଦ ନିଜର ସବୁ ପ୍ରୋଗ୍ରାମ କ୍ୟାନ୍ସଲ କରି ଆସିଥିଲେ। ନୂଆ ଇତିହାସ ଅଧ୍ୟାପକ ତାଙ୍କ ପୁରୁଣା କ୍ୱାଟରରେ ନୂଆ ରହୁଥିଲେ ବି ସେ ପ୍ରଥମେ ସେଠି ପହଁଞ୍ଚି ଭାଲୁକୁ ଖୋଜୁଥିଲେ। ଦେଖିଲେ ଗୋଟେ ଡେଙ୍ଗଡ଼ା କଳା ମାଈ କୁକୁର ଓ ଛୁଆ ଚାରିଟା ଭିତରେ ଭାଲୁର ଅବସ୍ଥା ନାହିଁ ଅର୍ଥାତ ଭୋକିଲା ଓ ଦୁର୍ବଳ। ଯିଏ ଦିନେ ତାଙ୍କୁ ଭୁକି ସିଗାରେଟ ଖାଇଲେ ସ୍ୱାସ୍ଥ୍ୟ ଖରାପ ହେବ ଓ ଅଧିକା ପେଗ ନେଲେ ସ୍ୱାସ୍ଥ୍ୟ ବିଗିଡି ଯିବ ବୋଲି କେବେ ଭୁକି ତ କେବେ ତାଙ୍କ ହାତ ଉପରେ ହାତ ରଖି ବାରଣ କରୁଥିଲା ଆଜି ତାର ଭଗ୍ନ ସ୍ୱାସ୍ଥ୍ୟର କାରଣ ତା ପରିବାର ଓ ସେହି ପରିବାର ପାଇଁ ସେ ତାଙ୍କ ସଙ୍ଗେ ଯାଇନଥିଲା ସେଦିନ ବୋଲି ହୃଦୟଙ୍ଗମ କରି ଫେରିଆସିଲା ବେଳେ ଭାଲୁ ଆଖିରେ ଆଖିଏ ଲୁହ ନେଇ ତାଙ୍କ ପାଦ ଚାଟିଥିଲା କେବଳ ଚୁପଚାପ। ସତେ ଯେମିତି କହୁଥିଲା ମତେ କ୍ଷମା କରିଦିଅ ପ୍ରଫେସର। ପୁରା ଚୁପ ଥିବା ପ୍ରଫେସରଙ୍କ ହୃଦୟ ଭିତରୁ ଶୁଭୁଥିଲା ସର୍ବେ ଭବନ୍ତୁ ସୁଖିନଃ।



ସାକ୍ଷୀଗୋପାଳ
ପୁରୀ
ମୋ-୯୦୪୦୯୭୭୩୨୭

## ସଫଳତାର ଶ୍ରେୟ

ମନୋଜ କୁମାର ବେହେରା

ସଫଳତାର ଶ୍ରେୟ ପ୍ରଶ୍ନ ଉପରେ ଦିନେ ବିବାଦ ହେଇଗଲା। ସଂକଳ୍ପ ନିଜକୁ, ବଳ ନିଜକୁ ଆଉ ବୁଦ୍ଧି ମଧ୍ୟ ନିଜକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବତେଇଲା। ତିନିହେଁ ନିଜ-ନିଜ କଥା ଉପରେ ଅଡି ବସିଲେ। ଶେଷରେ ସହମତି ହେଲାକି ବିବେକକୁ ପଞ୍ଚ ବନାଯାଉ ଆଉ ସେ ନିର୍ଣ୍ଣୟ ନେବେ କି ଆମ ଭିତରୁ କିଏ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ। ବିବେକ ସେହି ତିନିଜଣଙ୍କୁ ନିଜ ସାଙ୍ଗରେ ନେଇ କରି ଚାଲିଲେ ଆଉ ସାଙ୍ଗରେ ଗୋଟିଏ ଲୁହା କଣ୍ଟା ଯାହା ବଙ୍କି ଯାଇଥିଲା ଆଉ ଗୋଟିଏ ହାତରେ ହାତୁଡି ଧରିକରି ଗଲେ। ଚାଲି ଚାଲି ସେମାନେ ଗୋଟିଏ ଏମିତି ସ୍ଥାନରେ ଆସି ପହଞ୍ଚିଲେ ଆଉ ସେମାନେ ଦେଖିଲେ କି ଗୋଟିଏ ସୁନ୍ଦର ବାଳକ ଖେଳୁଛି। ବିବେକ ସେହି ବାଳକକୁ କହିଲେ, ତୁମେ ଯଦି ଏହି ହାତୁଡି ସାହାଯ୍ୟରେ ଏହି ବଙ୍କି ଯାଇଥିବା କଣ୍ଟାକୁ ସିଧା କରିଦେବ ତା'ହେଲେ ମୁଁ ତୁମକୁ ଭରପୁର ମିଠେଇ ଆଉ ଖେଳନା ଦେବି। ଏହା ଶୁଣିକରି ବାଳକର ଆଖି ଚମକି ଉଠୀଲା। ସେ ବଡ ଆଶା ଆଉ ଉତ୍ସାହର ସହିତ ଚେଷ୍ଟା କରିବାକୁ ଲାଗିଲା। କିନ୍ତୁ କଣ୍ଟାକୁ ସିଧା କରିବ କ'ଣ ହାତୁଡିକୁ ଉଠେଇ ପାରିଲା ନାହିଁ ଯେମିତି ତା'ର ହାତରେ ବଳ ନଥିଲା। ବହୁତ ଚେଷ୍ଟା କରିବା ପରେ ସଫଳତା ମିଳିଲା ନାହିଁ। ଆଉ ବାଳକ ରାଗିକରି ସେଠାରୁ ଚାଲିଗଲା। ଏଥିରୁ ସେମାନେ ଏହି ନିଷ୍କର୍ଷ ବାହାର କଲେ କି ସଫଳତା ପ୍ରାପ୍ତ କରିବା ପାଇଁ ଏକୁଟିଆ 'ସଂକଳ୍ପ' ଅପର୍ଯ୍ୟାପ୍ତ ଅଟେ। ସେମାନେ ଏବେ ଆଗକୁ ଚାଲିଲେ କିଛି ଦୂର ଗଲାପରେ ସେମାନେ ଜଣେ ଶ୍ରମିକକୁ ଦେଖିଲେ। ସେ ଘୁଙ୍ଗୁଡି ମାରିକରି ଶୋଇଥିଲା। ବିବେକ ତାକୁ ପାଟିକରି ଉଠେଇଲେ ଆଉ କହିଲେ,ଏହି କଣ୍ଟାକୁ ହାତୁଡି ମାରିକରି ଟିକିଏ ସିଧା କରିଦେବେ ମୁଁ ଆପଣଙ୍କୁ ଦଶଟଙ୍କା ଦେବି। ନିଜ ଆଖିକୁ ମଳିକରି ଶ୍ରମିକ କିଛି ପ୍ରୟନ୍ କଲେ କିନ୍ତୁ ତାଙ୍କୁ ଏତେ ନିଦ ଆସୁଥିଲା ଯେ ସେ କଣ୍ଟା ଆଉ ହାତୁଡିକୁ ତଳେ ରଖିଦେଲେ। ଆଉ ସେଠାରେ ପୁଣି ଶୋଇ ପଡିଲେ। ଏଥିରୁ ନିଷ୍କର୍ଷ ବାହାରିଲା କି ଏକୁଟିଆ 'ବଳ' ମଧ୍ୟ କାଫି ନୁହେଁ। ସାମର୍ଥ ଥାଇ କରି ମଧ୍ୟ ସଂକଳ୍ପ ନହେବାରୁ ଶ୍ରମିକ କଣ୍ଟାକୁ ସିଧା କରିପାରିଲା ନାହିଁ। ବିବେକ ଏବେ କହିଲେ ଚାଲ ଏବେ ଆମକୁ ଫେରି ଯିବାକୁ ହେବ। କାହିଁକି ଯେଉଁ କଥାକୁ ଆମେ ଜାଣିବାକୁ ଚାହୁଁଥିଲେ ତାହା ଏବେ ଜଣା ପଡିଗଲା। ସଂକଳ୍ପ, ବଳ ଆଉ ବୁଦ୍ଧିର ସମ୍ମିଳିତ ରୂପ ହିଁ ସଫଳତାର ଶ୍ରେୟ ପ୍ରାପ୍ତ କରି ପାରିବା



ପ୍ଲଟ ନ ମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨ ଫୋନ୍-୭୯୭୮୮୩୦୬୧୧

## ଆକର୍ଷଣ



ଡ.ଚନ୍ଦ୍ରକଳା ନାୟକ

ବସ ଚାଲିଛି। ଖରାଟାବି ମଳିନ ପଡି ଗଲାଣି। ଘାସ ଉପରେ ପଡିଥିବା କାକର ବିନ୍ଦୁ ସବୁ କେତେବେଳୁ ଶୁଖି ସାରିଲାଣି। ହେଲେ କିନ୍ତୁ ଗୁଳୁଗୁଳି କମିବାର ନାଁ ଧରୁନି। ଶରୀରର କୋଣ ଅନୁକୋଣରେ ଝାଳ ଖାଲି ଜକେଇ ଆସୁଛି। ପ୍ରବଳ ଗହଳି, ଠେଲାପେଲା, କିଏ କାହା ଉପରେ ଝୁଣ୍ଟି ପଡିଲେଣି ତାର ହିସାବ ନାହିଁ। ତାରି ଭିତରେ ରବିବାବୁ ଯେନ ତେନ ପ୍ରକାରେଣ ଏକପାଦିଆ ହୋଇ ଠିଆ ହୋଇଥିଲେ। ବସରେ ଧରିବାକୁ କିଛି ସାହାରା ବି ତ ନାହିଁ। ଉଚ୍ଚତା କମ ଥିବାରୁ ମଝି ରେଲିଂକୁ ହାତ ବି ଯାଉନି। ହଠାତ ଏକ ଧକ୍କାରେ ରବିବାବୁ ଲଗେଜ ରଖା ରେଲିଂକୁ ଧରିନେଲେ। ମନେ ମନେ ଭାବିଲେ ଓ .. ହୋ .. ଅଜି ଶନିବାର ତ, ସେଥିପାଇଁ ଏତେ ଭିଡ। ଶନିବାର ସବୁ ସରକାରୀ ଚାକିରିଆ ଓ ବେସରକାରୀଙ୍କ ଏଇଟା ଫେରିବା ସମୟ। ରବିବାବୁ ତାଙ୍କ ବ୍ୟାଗଟି ଲଗେଜ ଜାଲିରେ ରଖିଦେଲେ। ଦୀର୍ଘ ନିଶ୍ୱାସ ଛାଡି... ଓ.. ହୋ.. ଟିକେ ଶାନ୍ତ ମିଳିଲା କହି ଆଶ୍ୱସ୍ତ ଅନୁଭବ କରୁଥିଲେ। କିନ୍ତୁ ବସରେ ଠେଲାପେଲା ସେମିତି ଜାରି ରହିଥାଏ। ବସଟି ଏଥର ଲିଙ୍କରୋଡ ଅତିକ୍ରମ କରି ଓଏମପି ଛକରେ ପହଂଚିଲା। ଓଏମପି ଛକରେ ତଳ ପାହାଚ ପର୍ଯ୍ୟନ୍ତ ଲୋକଙ୍କ ଭିଡ। ବିଚରା ରବିବାବୁଙ୍କ ମୁହଁ ରହିଲା ପଛ ପଟ ସିଟ ଆଡକୁ। ରବିବାବୁଙ୍କ ବୟସ ପଇଁଚାଳିଶ ପାଖାପାଖି ହେବ। କହରା ନିଶ, ପାନଖିଆ ଦାନ୍ତ, ଶ୍ୟାମଳ ରଙ୍ଗ। ହେଲେ ବେଶଭୂଷା କିନ୍ତୁ ଆକର୍ଷଣୀୟ। ସୁଟ, ବୁଟ, ଟାଏ, କୋର୍ଟ ତା ସହିତ ସୁଗନ୍ଧିତ ପର୍ଫ୍ୟୁମ। ଡାହାଣ ହାତର ଦୁଇ ଆଙ୍ଗୁଠିରେ ଦଶା କଟିବା ମୁଦି ଦିଟା। ମୁହଁର ଗଢଣଟି ପୁରା ଚେକା ଥାଳିଆ ପରି। ରବିବାବୁ ହସିଦେଲେ ତାଙ୍କ ଦାନ୍ତ ଦିଟା ବି ଲାଜେଇ ଯାନ୍ତି। ସପ୍ତାହକ ପରେ ଆଜି ଘରକୁ ଫେରିବେ ବୋଲି ନିଶ ଦାଢି କେଶ ସବୁ ସାଇଜ କରାଯାଇଛି। ଗହଳି ଭିତରେ ସାମାନ୍ୟ ଝାଳେଇ ଯାଇଛି ବେକତଳ। ଝାଳରେ ମୁହଁର ଉଜ୍ଜ୍ୱଳତା ଟିକେ କମି ଯାଇଛି।

ବସ ଭିତରେ ରବିବାବୁ ବ୍ୟବସ୍ଥିତ ହେବା ପରେ ବସର ଗତି ସହ ସନ୍ଧି କରିନେଲେ। ବସ ଏବେ ଶିଖରପୁର ପାର ହୋଇ ଆଗକୁ ଗଡି ଚାଲିଛି। ରବିବାବୁ ଠିଆ ହୋଇଥିବା କଡରେ ଦୁଇଜଣ କିଶୋର କିଶୋରୀଙ୍କ କଥାବାର୍ତ୍ତା ଶୁଣିଲେ। ଦୁହେଁ କୋଳରେ ମେଞ୍ଚାଏ ଜିନିଷ ଧରି ପାଖାପାଖି ବସିଥାନ୍ତି। ନିର୍ବିଘ୍ନରେ ବଡପାଟିରେ ଗପୁଥାନ୍ତି। ଯେମିତି ଏ ବସ ଭିତରେ କେହି ନାହାନ୍ତି! ରବିବାବୁଙ୍କୁ ସେମାନଙ୍କ କଥା ତ ଶୁଭୁଛି, ହେଲେ ସେମାନଙ୍କ ମଧ୍ୟରେ ସମ୍ପର୍କଟା କଣ ରବିବାବୁ ବୁଝି ପାରୁ ନଥାନ୍ତି। ସେମାନେ ପ୍ରେମୀ ଯୁଗଳ କିମ୍ବା ସହପାଠୀ ତାହା ରବିବାବୁଙ୍କୁ ଦ୍ୱନ୍ଦ୍ୱରେ ପକାଉଥାଏ। ଏଥର ରବିବାବୁ ବିରକ୍ତ ହୋଇ ନିଜର ଦୃଷ୍ଟି ଅନ୍ୟ ଆଡକୁ ବୁଲାଇଲେ। ଦୃଷ୍ଟି ପଡିଲା ଜଣେ ସୁନ୍ଦରୀ ମହିଳାଙ୍କ ଉପରେ। କି ଆଶ୍ଚର୍ଯ୍ୟ! ସେ ମହିଳା ଜଣକ ସିଧା ରବିବାବୁଙ୍କୁ ଦେଖୁଥିଲେ। କେତେବେଳୁ ରବିବାବୁଙ୍କ ମୁଖ ମଣ୍ଡଳ ଉପରେ ତାଙ୍କ ଦୃଷ୍ଟି ସଳଖି ପଡିଛି ସେ ଦିଗକୁ ରବିବାବୁଙ୍କର ଦୃଷ୍ଟି ହିଁ ନାହିଁ। ଏହା କଣ ତନ୍ମୟତା ନାଁ ଅନ୍ୟ ମନସ୍କତା। ବିସ୍ମିତ ହେଲେ ରବିବାବୁ। ଏମିତି କେବଳ ବସ ଭିତରେ ନୁହେଁ, ତାଙ୍କ ଅଫିସରେ, ବାହାରେ, ହାଟରେ, ବାଟରେ, ସେ ଅନେକ ମହିଳାଙ୍କୁ ଦେଖିଛନ୍ତି। ସେ ତାଙ୍କ ତରଫରୁ ମହିଳାଙ୍କୁ ଚାହିଁବାକୁ ଇଛା ତ ହୁଏ, କିନ୍ତୁ ତାଙ୍କୁ କେହି ଦୃଷ୍ଟିରେ ଏକାଗ୍ରତାରେ ଚାହିଁଥିଲେ। ରବିବାବୁ ଜାଣନ୍ତି, ତାଙ୍କ ଚେହେରାକୁ ଜଣେ ମହିଳା ନିରେଖି ଦେଖିବା ଭଳି କିଛି ନାହିଁ। ତଥାପି ଏହା ନିରାଟ ସତ୍ୟ। ଉତ୍ସୁକତା ଓ ଆକର୍ଷଣରେ ରବିବାବୁ ବି ଏଥର ଭଦ୍ର ମହିଳାଙ୍କୁ କଣେଇ ଚାହିଁଲେ। ସେଇ ମହିଳାଙ୍କ ପଦ୍ମ ଫୁଲ ଭଳି ମୁଖକୁ ନିଜର ବେନି ନୟନରେ ଆକଣ୍ଠ ପାନ କରିବାକୁ ଇଛା କଲେ। ଚିକ୍କଣ ସୁନ୍ଦର ମୁଖ ମଣ୍ଡଳ, ଚମ୍ପାଫୁଲିଆ ବର୍ଣ୍ଣ, ଘନକୃଷ୍ଣ ଦୀର୍ଘ କେଶ ରାଶି, କପଳ ବଦନ ପଦ୍ମ ପରି, ଆଖି, ନାକ, ଓଠ, ଗଣ୍ଡ ଦେଶ ସବୁ ଯେପରି ଛାଞ୍ଚରେ ତିଆରି। ଗୋଟିଏ ବି ଦାଗ ନାହିଁ। ଯେମିତି ଏକ ଆକର୍ଷଣୀୟ ଚିତ୍ରପଟ୍ଟଟିଏ।

ରବିବାବୁ ଆଖି ଫେରାଇ ପାରିଲେ ନାହିଁ। ମନେ ମନେ ଭାବିଲେ କଣ ଘଟିପାରେ। ସେ ଭଦ୍ର ମହିଳା ତ ଦୋ ଦୋ ଚିହ୍ନା ପରି ଲାଗୁ ନାହାନ୍ତି। ରବିବାବୁଙ୍କ ଦୂର ସମ୍ପର୍କ ବି ନାହିଁ। ଏଇତ ପ୍ରଥମ ସାକ୍ଷାତ। ରବିବାବୁ ଆଉ ଥରେ ବେକ ବୁଲାଇଲେ। ସିଟରେ ବସିଥିବା କିଶୋର କିଶୋରୀ ହାତରେ ବିସ୍କୁଟ ଧରି ଖୁଆ ଖୋଇ ହେଉଥିଲେ। ପଇଁଚାଳିଶ ବର୍ଷର ରବିବାବୁଙ୍କ ମନରେ ନିଆଁ ଲାଗିଲା। ପୁଣି ବେକ ବୁଲାଇ ପଛ ସିଟ ଆଡକୁ ଅନାଇଲା ବେଳକୁ ସେ ମହିଳାଙ୍କ ଚାହାଣୀରେ ଏକ ଚମକ ଖେଳୁଥିଲା। ଶତ ଚେଷ୍ଟା ସତ୍ତ୍ୱେ ବି ସେ ଦିଗରୁ ନିଜର ଆଖିକୁ ସେ ଫେରାଇ ପାରିଲେ ନାହିଁ।

ବୟସ ଦୃଷ୍ଟିରୁ କେହି କାହା ପାଇଁ ଅପ୍ରାସଙ୍ଗିକ ନଥିଲେ। ଜୀବନର ଅତୀତକୁ ରୋମନ୍ଥନ କରି ଏପରି ଏକ ମୁହୂର୍ତ୍ତକୁ ଖୋଜୁଥାନ୍ତି। କିନ୍ତୁ ସେପରି ଘଟଣାର ନଜିର ହିଁ ନାହିଁ। ମନେ ମନେ ଭାବୁଥିଲେ କିଛି ତ ଗୋଟିଏ ଘଟଣା ତ ଘଟିବ। ଏଇଥି ପାଇଁ ବୋଧେ ତାଙ୍କ ଜୀବନରେ ଏଭଳି ଏକ ମଧୁର ସମୟର ସୁଯୋଗ ପାଇବାର ବହୁ ବିଳମ୍ବ ହେଲାଣି। କାଳେ କିଛି ଅଘଟଣ ସୂତ୍ରରେ ପ୍ରାପ୍ତ ହୋଇଯିବ। କାଳ୍ପନିକ ରସ ହୃଦୟରେ ଫୁଟିବାକୁ ଲାଗିଲା। ଅନେକ ଦିନରେ ତାଙ୍କ ଭିତରେ ମରି ଯାଇଥିବା ପ୍ରେମ ଓ ପ୍ରଣୟର ଫୁଲ ବି ଜୀବନ ପାଇଥିଲା। କିନ୍ତୁ ସେ ଫୁଲମାଳକୁ ଛିଣ୍ଡାଇ ଥିଲା ରବିବାବୁଙ୍କ ବିବେକ। ସ୍ୱପ୍ନରୁ ବାହାରି ବାସ୍ତବ ଦୁନିଆକୁ ଦେଖି ମନେ ମନେ ରବିବାବୁ ନିଜକୁ ସନ୍ତର୍ପଣରେ ଯାକି ଯୁକି ହୋଇ ପଡୁଥିଲେ। ହଠାତ ବସର ଗତିରୋଧରେ ଆଗକୁ ଝୁଙ୍କି ପଡିଲେ। ପୁଣି ମୁହଁ ବୁଲାଇ ଦେଖିଲେ, ସେ ଜୀବନ୍ତ ଆକର୍ଷଣୀୟ ପ୍ରତିମାଟି ତାଙ୍କୁ ଅନାଇ ରହିଛି। ମହିଳାଙ୍କ ଚାହାଣୀ ବେଶ ଆକର୍ଷଣୀୟ ଥିଲା। ହଠାତ ମହିଳା ତାଙ୍କ ଲୁଗାଟିକୁ ସଜାଡି ନେଲେ। ଲମ୍ବା ବେଣୀଟାକୁ ଆଗକୁ ପକାଇଲେ। ଆରେ ... ଏ କଣ! ଆରେ ଏ ତ କୁଆଖିଆ ଛକ। ଏଠି ତ ଅନେକ ଲୋକ ଓହ୍ଲାଇବେ। ସେ ଭିଡ ଭିତରେ ଭଦ୍ର ମହିଳାଟି ହାତରେ ସୁନ୍ଦର ଭ୍ୟାନିଟ ଦୋହଲାଇ ଓହ୍ଲାଇବାର ଉପକ୍ରମରେ ରବିବାବୁଙ୍କ ନିକଟତର ହେଲେ। ତାହା ହିଁ ସମସ୍ତଙ୍କ ଓହ୍ଲାଇବାର ମାର୍ଗ। ବିଚରା ରବିବାବୁ ଅନୁକୁଣ୍ଠିତ ଭାବେ ଗୋଟେ ପଟକୁ ଢଳି ପଡିଲେ। ହେଲେ ଭଦ୍ର ମହିଳା ଧୀରେ ଧୀରେ ତାଙ୍କ ନିକଟତର ହେଉଥିଲେ। ଭଦ୍ର ମହିଳାଙ୍କ ଏମିତି ନିର୍ଲିପ୍ତ ଭାବେ ଏତେ ସ୍ୱଷ୍ଟ ଚାହାଣୀ ନିକଟରେ ରବିବାବୁ ସ୍ତମ୍ଭିତ ହୋଇଗଲେ। ରବିବାବୁ ଆଶଙ୍କା କରୁଥିଲେ କାଳେ ମହିଳା ଜଣକ ତାଙ୍କୁ ଏମିତି ପ୍ରେମଭରା ଚାହାଣୀରେ କାହିଁକି ଚାହୁଁଥିଲେ, ତାଙ୍କୁ ପଚାରି ଦେବେ। ଏମିତି ଜଟିଳ ଶବ୍ଦ ଉତ୍ତର ପଛରେ ଦଉଡୁଥିଲେ ରବିବାବୁ।

ଭଦ୍ର ଭହିଳା ମୁହଁ ଖୋଲିଲେ। ଯେମିତି ସୁନ୍ଦରୀ ସେମିତି ସୁକଣ୍ଠି। ଆଜ୍ଞା- କିଛି ଯଦି ନଭାବିବେ ଗୋଟେ କଥା ପଚାରିବି। ରବିବାବୁ ଅପ୍ରସ୍ତୁତ। ନାଇଁ.. ହଁ ..ନାଇଁ .. ହଁ .. କହି ରବିବାବୁଙ୍କ ପାଟି ଖନି ବାଜିଗଲା। ଦେହ ହାତ ଥରୁଥିଲା। ଝାଳ ଧାରେ ଗାଲ ଉପରକୁ ଛୁଉଁଥିଲା। ଭଦ୍ର ମହିଳା ମଧୁର କଣ୍ଠରେ କହିଲେ ଆଜ୍ଞା.. ଆପଣ ବେକରେ ଏ ଯୋଉ ଟାଏଟା ପିନ୍ଧିଛନ୍ତି, ସେଟା କୋଉଠୁ ଆଣିଛନ୍ତି। ତାହା ଖୁବ ଆକର୍ଷଣୀୟ। ଦୂରରୁ ଖୁବ ସୁନ୍ଦର ଦିଶୁଛି। ରବିବାବୁ ଆବାକ୍। ବୁଝି ପାରୁଥିଲେ ସେଇ ଭଦ୍ର ମହିଳାଙ୍କ ଲୁବ୍ଧ ଚାହାଣୀର ମର୍ମ। ଭଦ୍ର ମହିଳା ଯେଉଁ ପ୍ରେମରେ ପଡିଥିଲେ ତାହା ରବିବାବୁ ରୂପକ ମଣିଷର ପ୍ରେମରେ ନୁହେଁ। ବରଂ ଏ ଅତ୍ୟାଧୁନିକ ଟାଏ ପ୍ରେମରେ। ଦୋକାନର ଠିକଣାଟା ରବିବାବୁଙ୍କ ପାଟିରୁ ଆପେ ଆପେ ବାହାରି ଆସିଲା। ଭଦ୍ର ମହିଳା ଏଥର- ଧନ୍ୟବାଦ କହି, ଶେଷଥର ପାଇଁ ବେକରେ ଝୁଲୁଥିବା ସେ ଟାଏକୁ ଅତି ନିକଟରୁ ଦେଖୁଥିଲେ। କଣ୍ଡକ୍ଟର ପାଟି କରୁଥିଲା- କୁଆଖିଆ, କୁଆଖିଆ। ବସର ଶେଷ ପାହାଚ ପର୍ଯ୍ୟନ୍ତ ଓହ୍ଲାଇବା ବେଳେ ମହିଳା ନରମ ସ୍ମିତ ହାସ୍ୟ ସହ ସେ ଟାଏଟିକୁ ନିରେଖି ଅନାଇ ଥିଲେ। ରବିବାବୁ ଖାଲି ସିଟରେ ଲଥ କିରି ବସି ପଡିଲେ। ବସର ବେଗ ବଢିବା ସାଙ୍ଗକୁ ରବିବାବୁ ଚାହୁଁଥିଲେ ଠିକ ହଂସ ପରି ଚାଲି ଚାଲି ଅଦୃଶ୍ୟ ହୋଇ ଯାଉଥିବା ଭଦ୍ର ମହିଳାଙ୍କ ଗତିପଥକୁ। ଦୃଷ୍ଟି ଫେରାଇ ସେ ନିର୍ଜୀବ ଟାଏଟାକୁ ଧନ୍ୟବାଦ ଦେଉଥିଲେ ରବିବାବୁ। ପାଟିରୁ ଆପେ ଆପେ ବାହାରି ଆସୁଥିଲା, ଏ ଟାଏ.. ତୋର କି ଭାଗ୍ୟ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭

## ଅବାଞ୍ଛିତା

ପ୍ରଣୀତା ମିଶ୍ର

କଥାରେ ଅଛି ' ବାପାମାଆଙ୍କର ଋଣ ଶୁଝିବା କେବେ ବି ସମ୍ଭବ ନୁହେଁ '। ହଁ, ମୁଁ ବି ସେଇୟା ଭାବେ। କିନ୍ତୁ ମୋ କଥା ଟିକେ ଅଲଗା। ବାପାମାଆଙ୍କର ଅଲୋଡ଼ା ସନ୍ତାନ ମୁଁ। ତିନି ତିନିଟା ଝିଅ ହେଲାପରେ ବି ବୋଉ ମୋତେ ଜନ୍ମ ଦେଇ ଥିଲା ପୁଅଟିଏ ଆଶାରେ। ବଡ ଭଉଣୀର ଜନ୍ମର ପନ୍ଦର ବର୍ଷ ପରେ ମୋର ଜନ୍ମ। ସାନ ନାନୀ ବି ମୋ ଠାରୁ ଆଠ ବର୍ଷ ବଡ। ମୋ ଜନ୍ମ ପରେ ଘରେ ଖୁସି ନୁହେଁ, ଦୁଃଖର ବାତାବରଣ ଥିଲା। ପୁଅ ଆଶାୟୀ ଜେଜେମା ତ ଆଖିରୁ ଲୁହ ଗଡ଼ାଇ ମୋ ମୁହଁ ଦେଖିବାକୁ ମନା କରିଦେଇଥିଲା। ମୋର ଷଠିପୂଜା, ଏକୋଇଶିଆ ପୂଜା କିଛି ବି ହୋଇ ନ ଥିଲା। 'ପୁଅ ବକଟେ ପାଇଁ ଚାହିଁଥିଲୁ ନା। ଏଇଟାକୁ କିଏ ପଚାରେ ? କିଛି ହେବନି ତା ପାଇଁ।' ଜେଜେମା'ର କଥା ଥିଲା ଏମିତି।

ବିଧିର ବିଧାନ କିନ୍ତୁ ଅଲଗା ଥିଲା। ବୋଉର ଧୀରେ ଧୀରେ ଦେହ ଖରାପ ଆରମ୍ଭ ହେଲା। ସେ ରକ୍ତହୀନତାର ଶିକାର ହୋଇସାରିଥିଲା। ମୋ ଜନ୍ମ ପରେ ବହୁତ ଦୁର୍ବଳ ହୋଇଗଲା ବୋଉ। ପୁରୁଣା ଶ୍ୱାସ ବେମାରୀଟା ସବୁବେଳେ କଲବଲ କରୁଥିଲା ତାକୁ। ବାପାଙ୍କର ଛୋଟ ଦୋକାନଟିଏ, ଅଳ୍ପ କିଛି ଚାଷଜମି। ସ୍ୱଳ୍ପ ଆୟରେ ସାତ ପ୍ରାଣୀଙ୍କୁ ଚଳାଇବା ବହୁତ କଷ୍ଟ ଥିଲା। ମୋତେ ଦୁଇ ବର୍ଷ ହୋଇ ନ ଥିଲା ବେଳେ ବୋଉକୁ ଭୀଷଣ ଜ୍ୱର ହେଲା। କାଶ , କଫ ମାଡି ବସିଲା। ସେ ଖାଇବା ଛାଡିଦେଲା। ବାପା ଡାକ୍ତରଖାନା ନେଲା ବେଳକୁ ବୋଉର ଅବସ୍ଥା ସାଙ୍ଘାତିକ। ଦେହରେ ରକ୍ତ ଅଭାବ, ଫୁସ୍ ଫୁସ୍ ସଂକ୍ରମିତ। ସେଇଥିରେ ସେ ଆଖି ବୁଜିଲା। ଜେଜେମା, ଭଉଣୀର ସହାୟତାରେ ବଡ ହେଲି। ବଡ ହେବା ସାଙ୍ଗେ ସାଙ୍ଗେ ମୋ ଉପରେ ଅତ୍ୟାଚାର, ଆକ୍ଷେପ ବଢି ଚାଲିଲା। ବୋଉର ମୃତ୍ୟୁ ପାଇଁ ମୋତେ ଦାୟୀ କରାଯାଉଥିଲା। 'ଜନ୍ମ ହେବା ପରେ ମା'କୁ ତ ଖାଇଲୁ। ଅମଙ୍ଗଳୀ କେଉଁଠିକାର' ଏମିତି ଥାଏ ଜେଜେମା ପାଟିରେ କଥା କଥାକେ। ବାପା ଶୁଣିଲେ ପ୍ରତିବାଦ କରନ୍ତି ' ଏଥିରେ ତାର ଦୋଷ କଣ ? ଦୋଷୀ ମୁଁ ନିଜେ ଓ ମୋର ଗରିବୀ ' ଜେଜେମା ପାଟି ଚୁପ୍ କରେ। ମୋ ଆଖିରେ ଲୁହ ଟଳମଳ କରେ, ମୁଁ ବାପାଙ୍କୁ କୁଣ୍ଢେଇ ଭେଁ ଭେଁ କାନ୍ଦି ଉଠେ। ବାପା ମୋ ଲୁହ ପୋଛି କୋଳେଇ ନିଅନ୍ତି। ବାପା ଚୁପ୍ ଚୁପ୍ ମୋ ମୁଣ୍ଡ ସାଉଁ ଲେଇ କହନ୍ତି 'ମୋ ରାଣୀ ପାଇଁ ଜହ୍ନ ରାଇଜରୁ ପକ୍ଷୀରାଜ ଘୋଡ଼ା ଚଢି ରାଜ କୁମାର ଆସିବ ଓ ଉଡେଇନେଇ ରାଣୀ କରିବ। ମୋ ମା' କେତେ ସୁଖରେ ରହିବ '। ଜେଜେମା ମୁହଁ ମୋଡ଼ି ଚାଲି ଯାଏ, ଭଉଣୀମାନେ ବି ମୁହଁ ବୁଲେଇ ପଳାନ୍ତି। ବୋଉର ସ୍ନେହ ମୋ ପାଇଁ ଦୁଷ୍ପ୍ରାପ୍ୟ ଥିଲା। ବାପା ହିଁ ମୋ ପାଇଁ ଉଭୟ ପିତାମାତା ଥିଲେ, ମୋର ଭରସା, ସମସ୍ତ ଆଶା ଆକାଂକ୍ଷାର କେନ୍ଦ୍ରବିନ୍ଦୁ।



ସମୟ ଗଡ଼ି ଚାଲିଲା। ସମୟ ସହିତ ମୁଁ ବି ବିଦ୍ୟା, ବୁଦ୍ଧି ସବୁଥିରେ ଅନ୍ୟ ମାନଙ୍କୁ ପଛରେ ପକାଇ ଆଗକୁ ବଢ଼ି ଚାଲିଲି। ଜେଜେମା ପରଲୋକ ଗମନ କଲା। ବଡ ଭଉଣୀ ପାଖରେ ଗୋଟେ ଛୋଟ ଦୋକାନ କରିଥିବା ବରକୁ ବାହାହେଲା।

ତାର ପାରିବାରିକ ଜୀବନ ବି ଭଲ ନଥିଲା। ଅଭାବ ଅନଟନ ସହ ସ୍ୱାମୀ ଓ ପରିବାରର ଅତ୍ୟାଚାର, ଅବହେଳା ତାକୁ ସହିବାକୁ ପଡୁଥିଲା। ଝିଅଟିଏ ଜନ୍ମ ହେଲା ପରେ ଏସବୁ ଆହୁରି ବଢ଼ିଗଲା। ଅଧିକ ଯୌତୁକ ଆଣିବାକୁ ତାକୁ ବାଧ କରା ଯାଉଥିଲା। ବାପା କିଛି କିଛି ତାର ଦାୟିତ୍ୱ ମଧ୍ୟ ବୁଝୁଥିଲେ। ଯୌତୁକର ଲୋଭ ମେଣ୍ଟାଇବା ପାଇଁ ବାପାଙ୍କର ସମ୍ବଳ ନ ଥିଲା। ଏକା ଏକା ହାହୁତାଶ ହେଉଥିଲେ ବାପା, ଶୂନ୍ୟ ଆକାଶକୁ ଚାହିଁ ରହୁଥିଲେ। ମଝିଆଁ ଭଉଣୀର ବାହାଘର ପାଇଁ ବି ପ୍ରସ୍ତାବ ଆସୁଥିଲା। ଅଧିକ ଯୌତୁକ ଦାବୀ ଓ ଅନ୍ୟାନ୍ୟ କାରଣରୁ ସ୍ଥିର ହୋଇ ପାରୁ ନ ଥିଲା। ଗୋଟେ ଝିଅର ଅବସ୍ଥା ଦେଖି ବାପାଙ୍କର ସାହସ ଭାଙ୍ଗି ଯାଇଥିଲା। ପାଖ ଗାଁର ଅନ୍ୟ ଏକ ନୀଚ ଜାତିର ପୁଅ ସହିତ ମଝିଆଁ ଭଉଣୀ ଭଲପାଇ ପଳାଇଲା, ଯାହାକି ବାପାଙ୍କ ମନରେ ଗଭୀର ଆଘାତ ଦେଲା।

ଗାଁ ଲୋକେ ବାର କଥା ଛି ଛାକର କରି କହିବାକୁ ଲାଗିଲେ। ବାପା ଭାଙ୍ଗି ପଡ଼ିଲେ। ସେ ଆଉ ଦୋକାନ ଖୋଲିଲେନି। ଦୁଇବେଳା ଖାଇବା ସମସ୍ୟା ହୋଇଗଲା। ବାଧ ହୋଇ ମୁଁ ଦୋକାନ ଖୋଲିଲି। ବିକ୍ରିବଟା କଲି। କିଛି କିଛି ବାବୁ ଘରେ କାମ ପାଇଟି କରି ପଇସା ରୋଜଗାର କଲି। ସାନନାନୀ ବି ବହୁତ ସହଯୋଗ କରୁଥାଏ। ସାନନାନୀର ବିବାହ ବି ଠିକ ହୋଇଗଲା। ବାହାଘର ଠିକରେ ହୋଇଗଲା। ତାର ଶାଶୂ ଘର ଲୋକ ବହୁତ ଭଲ ଥିଲେ। ବାପା ଟିକେ ଖୁସି ହେଲେ, ଧୀରେ ଧୀରେ ତାଙ୍କର ମାନସିକ ସ୍ଥିତି ଭଲ ଆଡକୁ ଆସିଲା। ନିର୍ଜନ ପ୍ରହରରେ ବେଳେ ବେଳେ ବାପା ଦୂର ଆକାଶକୁ ଚାହିଁ ଅନ୍ୟମନସ୍କ ହୁଅନ୍ତି, ଆଖିରୁ ଲୁହ ପୋଛନ୍ତି। ମୁଁ ପଚାରେ ' ବାପା! କଣ ହେଲା '? ମୋ ମୁଣ୍ଡକୁ ସାଉଁଳେଇ ବାପା କହନ୍ତି 'ତୋତେ ହାତକୁ ଦୁଇହାତ କରିଦେଲେ ମୋର କାମ ସରନ୍ତା। କେତେ କଷ୍ଟ ସହୁଚୁ ତୁ ମୋର ଭୁଲ ପାଇଁ। କିଛି କରିପାରିଲିନି ତୋ ପାଇଁ'।

' ତୁମକୁ ଛାଡି ମୁଁ କୁଆଡେ ଯିବିନି ବାପା'

ମୋ ଆଖିରେ ଲୁହ ଭରିଯାଏ। ଏ ଘରେ ମୋର ଷଠିଘର ନ ଥିଲେ ନାହିଁ, ମୋର ପହିଲି ପାଦର ଚିହ୍ନ ଏ ଧୂଳିରେ ଅଛି। ଭଉଣୀମାନଙ୍କ ସହ ଲୁଚାଲୁଚି ଖେଳ, ଛପି ଛପି କଙ୍କି ପ୍ରଜାପତି ଧରିବାର ସ୍ମୃତି ମୋତେ ଅଧୀର କରେ, ଛାତିରେ କୋହ ଉଠେ। ସତରେ କେଡ଼େ ଅଭାଗିନୀଟିଏ ମୁଁ,ମୋ କଷ୍ଟ ବାଣ୍ଟିବାକୁ ମୋ ସହିତ କେହି ନାହାନ୍ତି। ଏମିତି ଭାବି ଭାବି ଅବଶ ଆଖିରେ କେତେବେଳେ ନିଦ ଆସିଯାଏ। ସ୍ୱପ୍ନ ଦେଖେ ଆକାଶରୁ ତାରାଟିଏ ଆସି ମୋର ହାତ ଧରୁଛି। ଆଖି ମେଲିଲା ବେଳକୁ ସକାଳ ହୋଇ ସାରିଥାଏ। ଭାବେ ମୋତେ ସ୍ୱପ୍ନ ଦେଖିବାକୁ ବି ମନା। ଏମିତି ଚିନ୍ତାରେ ବାପାଙ୍କର ହୃଦରୋଗ ବାହାରିଲା, ଟିକେରେ ଧଇଁ ସଇଁ ହୋଇଯାଆନ୍ତି। ଡାକ୍ତର ପରାମର୍ଶ ଦେଲେ ପେସ ମେକର୍ ଲାଗିବ। ବିଶ୍ରାମ ବି ଦରକାର। ଭଉଣୀ ଭିଣୋଇ ସବୁ ଶୁଣି ଚୁପ୍ ରହିଲେ। ଚିକିତ୍ସା ପାଇଁ ବହୁତ ଅର୍ଥର ଆବଶ୍ୟକତା ଥିଲା। ଝିଅ ବାହାଘର ପାଇଁ ବାପା ସବୁ ଜମି ବିକ୍ରି କରି ଦେଇଥିଲେ। ବାକିଥିଲା ଘର ଡିଅ ଓ ତାକୁ ଲାଗି ବଗିଚାଟିଏ। ତାକୁ ନେଇ ଭିଣୋଇଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଗଲା। ବାପାଙ୍କର ଜୀବନ ଅପେକ୍ଷା ସମ୍ପତ୍ତି ତାଙ୍କର ବେଶୀ ଦରକାର ଥିଲା। ଧାର ଉଧାର କରି ବାପାଙ୍କର ପେସମେକର ଲାଗିଲା ସିନା, କିନ୍ତୁ ସେ ସବୁବେଳେ ଚିନ୍ତାରେ ରହିଲେ। ଝିଅ ଜ୍ୱାଇଁଙ୍କର ଅସଲ ସ୍ୱରୂପ ଦେଖିଲା ପରେ ମୋ ଭବିଷ୍ୟତ ନେଇ ସେ ସଦାବେଳେ ବିବ୍ରତ ରହିଲେ। ଆଖି ଆଗରେ ଝିଅ ଜ୍ୱାଇଁ ଭାଗ ବଣ୍ଟା କଥା ଉଠାଇବା ତାଙ୍କ ମନୋବଳ ଭାଙ୍ଗିଦେଲା। ହିମାଳୟ ପରି ଦମ୍ଭ ଲୋକଟା ଧୀରେ ଧୀରେ ନଇଁ ପଡୁଥିଲ।। ରାତିରେ ଠିକ୍ ଥିଲେ ସେ। ସକାଳକୁ ସବୁ ସରି ଯାଇଥିଲା। ମୋ ଆଖି ଟିକେ ଲାଗି ଯାଇଥିଲା ସକାଳୁ। ଉଠିଲା ବେଳକୁ ସବୁ ଶେଷ। ଶାନ୍ତିରେ ଶୋଇଯାଇଛନ୍ତି। ଅବହେଳା, ମାନସିକ ଚିନ୍ତା ଭିତରେ ବାପା ଆଉ କେତେ ଦିନ ବଞ୍ଚିଥାନ୍ତେ ଯେ? ଯେତେ ସବୁ କୋହ ପୀଡା ଛାତି ମଧ୍ୟରେ ଯାକି ରଖିଥିଲି ଗଳଗଳ କରି ଆଖି ବାଟେ ବୁହାଇଦେଲି। ବାସ, ଏଇଠି ସରିଗଲା ମୋର ସବୁ ସ୍ୱପ୍ନଦେଖା। ଯା ପରେ ମୋତେ ଆଉ କେହି କହିବେ ନାହିଁ କିଛି କିମ୍ବା ମୋ ପାଇଁ ଚିନ୍ତା କରିବାକୁ ଆଉ କେହି ନାହିଁ। ଜହ୍ନ ରାଇଜର ପକ୍ଷୀ ରାଜ ଘୋଡ଼ା ଓ ରାଜକୁମାର କାହାଣୀର ଏଇଠି ହିଁ ଅନ୍ତ। ଚତୁର୍ଦ୍ଦିଗ ଅନ୍ଧାର ଦିଶୁଥାଏ ମୋତେ। ଏଥରକ କଣ ମୁଁ ଶାନ୍ତିରେ ନିଃଶ୍ୱାସ ମାରିବି? ଧୀରେ ଧୀରେ ସାହି ପଡ଼ିଶା, ଭଉଣୀ ଭିଣୋଇ ସବୁ ପହଞ୍ଚୁଥିଲେ। କ୍ରନ୍ଦନ ରୋଳରେ ଫାଟି ଯାଉଥିଲା ଘରଟା। ମୁଁ କିନ୍ତୁ ଅନୁଭବ କରୁଥିଲି ମୋ ମୁଣ୍ଡ ଉପର ଛାତଟା ବାପାଙ୍କ ସାଥିରେ ପବନରେ ଉଡ଼ି ଯାଉଛି।

ଭୁବନେଶ୍ୱର

# ନ୍ୟୁଜିଲାଣ୍ଡ ମାଟିରେ ଭାରତର ବଡ଼ ବିଜୟ

**ଖ୍ରୀଷ୍ଟଚର୍ଚ୍ଚ**

ଭାରତୀୟ କ୍ରିକେଟ୍ ଦଳ ବିଜୟ ସହିତ ନିଜର ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିଛି। ଖ୍ରୀଷ୍ଟଚର୍ଚ୍ଚର ହ୍ୟାଗ୍ଲି ଓଭାଲ୍ ମଇଦାନରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ୨୨୬ ରନ୍‌ର ବିଶାଳ ଲକ୍ଷ୍ୟକୁ ସଫଳତାର ସହ ପିଛା କରି ଇତିହାସ ରଚିଛି। ନ୍ୟୁଜିଲାଣ୍ଡ ମାଟିରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତର ଏହା ସବୁଠାରୁ ବଡ଼ ରନ୍ ଚେଜ୍।



ମ୍ୟାଚ୍ ବିଷୟରେ କହିଲେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଦଳ ଭାରତୀୟ ବୋଲରମାନଙ୍କୁ ଜୋରଦାର ପ୍ରହାର କରିଥିଲା ଏବଂ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୨୫ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଘରୋଇ ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ରନ୍ କରିଥିଲେ। ସେ ୪୦ଟି ବଲ୍‌ର ସାମ୍ନା କରି ୮୨ ରନ୍‌ର ଏକ ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ। ଏହି ସମୟରେ ତାଙ୍କ ବ୍ୟାଟ୍‌ରୁ ୮ଟି ଚୌକା ଓ ୩ଟି ଛକା ଦେଖିବାକୁ ମିଳିଥିଲା। ଫିନ୍ ଆଲେନ୍ ମଧ୍ୟ ଦ୍ରୁତ ବ୍ୟାଟିଂ କରି ୨୪ଟି ବଲ୍‌ରେ ୪୫ ରନ୍ ଯୋଡ଼ିଥିବା ବେଳେ ବେଭାନ୍ ଜାକବ୍ସ ମାତ୍ର ୧୬ଟି ବଲ୍‌ରେ ୩୧ ରନ୍ କରି ଦଳର ରନ୍ ଗତିକୁ ବଜାୟ ରଖିଥିଲେ। ନ୍ୟୁଜିଲାଣ୍ଡର ବ୍ୟାଟରମାନେ ଆରମ୍ଭରୁ ହିଁ ଭାରତୀୟ ବୋଲରମାନଙ୍କ ଉପରେ ଚାପ ସୃଷ୍ଟି କରି ରଖିଥିଲେ ଏବଂ ଏକ ବଡ଼ ସ୍କୋରରେ ପହଞ୍ଚିବାରେ ସଫଳ ହୋଇଥିଲେ।

ଭୁବନେଶ୍ୱର କୁମାର ୪ ଓଭର ବୋଲିଂ କରି ୪୯ ରନ୍ ଦେଇଥିଲେ। ଅର୍ଶଦୀପ ସିଂହ ମଧ୍ୟ ନିଜ କୋଟାର ୪ ଓଭରରେ ୪୫ ରନ୍ ଖର୍ଚ୍ଚ କରି କେବେଳ ଗୋଟିଏ ୱିକେଟ୍ ହାସଲ କରିଥିଲେ। ଅକ୍ଷର ପଟେଲଙ୍କ ବଲ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡର ବ୍ୟାଟରମାନେ ପ୍ରଚୁର ରନ୍ ସଂଗ୍ରହ କରିଥିଲେ। ଅକ୍ଷର ୪ ଓଭରରେ ୫୧ ରନ୍ ଖର୍ଚ୍ଚ କରିଥିଲେ। ଅନ୍ୟପଟେ ମୟଙ୍କ ଯାଦବ ଏବଂ ନୀତୀଶ କୁମାର ରେଡ୍ଡୀ ମଧ୍ୟ ନିଜ ନିଜର ୪ ଓଭର ବୋଲିଂରେ ୪୦ ରନ୍ ଲେଖାଁଏ ଖର୍ଚ୍ଚ କରିଥିଲେ।

ନ୍ୟୁଜିଲାଣ୍ଡ ପକ୍ଷରୁ ମିଳିଥିବା ୨୨୬ ରନ୍‌ର ଲକ୍ଷ୍ୟର ଜବାବରେ ସଞ୍ଜୁ ସାମସନ୍ ଏବଂ ଅଭିଷେକ ଶର୍ମା ଭାରତକୁ ଏକ ବିସ୍ଫୋରକ ଆରମ୍ଭ ଦେଇଥିଲେ। ପାୱାର-ପ୍ଲେ ମଧ୍ୟରେ ହିଁ ଟିମ୍ ଇଣ୍ଡିଆର ସ୍କୋର ୯୦ ରନ୍ ପାର୍ କରିଯାଇଥିଲା। ଅଭିଷେକ ଶର୍ମା ୧୨ଟି ବଲ୍‌ରେ ୨୯ ରନ୍ କରିଥିଲେ। ଏହି ସମୟରେ ତାଙ୍କ ବ୍ୟାଟ୍‌ରୁ ୨ଟି ଚୌକା ଓ ୩ଟି ଛକା ଦେଖିବାକୁ ମିଳିଥିଲା। ଦଳ ତିନି ନମ୍ବର ସ୍ଥାନରେ ତିଲକ ବର୍ମାଙ୍କୁ ବ୍ୟାଟିଂ କରିବାକୁ ପଠାଇଥିଲା, ଯାହାକି ସମ୍ପୂର୍ଣ୍ଣ ଭୁଲ୍ ନିଷ୍ପତ୍ତି ବୋଲି ପ୍ରମାଣିତ ହେଲା।

ତିଲକ ବର୍ମା ୧୧ଟି ବଲ୍‌ରେ ୬ ରନ୍ କରି ଆଉଟ୍ ହୋଇଥିଲେ। ସଞ୍ଜୁ ସାମସନ୍ ମଧ୍ୟ ୩୩ଟି ବଲ୍‌ରେ ୬୭ ରନ୍‌ର ଏକ ଆକର୍ଷଣୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ପାଞ୍ଚ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଇଶାନ କିଶନଙ୍କ ବ୍ୟାଟ୍ ମଧ୍ୟ ଚାଲିନଥିଲା। ସେ ମାତ୍ର ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏହାପରେ ମ୍ୟାଚ୍ ସମ୍ପୂର୍ଣ୍ଣ ଭାବେ ନ୍ୟୁଜିଲାଣ୍ଡର କବ୍‌ଜାକୁ ଚାଲିଯାଇଥିଲା।

ଏହା ପରେ ଭାରତ ନିଜ ବ୍ୟାଟିଂ କ୍ରମରେ ଆଉ ଏକ ପରିବର୍ତ୍ତନ କରିଥିଲା। ଅକ୍ଷର ପଟେଲଙ୍କୁ ଉପର କ୍ରମରେ ବ୍ୟାଟିଂ ପାଇଁ ପଠାଯାଇଥିଲା ଏବଂ ସେ ନିରାଶ କରିନଥିଲେ। ନମନ ଧୀର ଏବଂ ନୀତୀଶ କୁମାର ରେଡ୍ଡୀଙ୍କ ପୂର୍ବରୁ ବ୍ୟାଟିଂ କରିବାକୁ ଆସିଥିବା ଅକ୍ଷର ପଟେଲ ୧୪ଟି ବଲ୍‌ରେ ୨୪ ରନ୍ କରିଥିଲେ। ଶେଷ ଆଡ଼କୁ ନମନ ଧୀର ନ୍ୟୁଜିଲାଣ୍ଡର ବୋଲିଂ ଆକ୍ରମଣକୁ ଧୂଳି ଚଟାଇ ଦେଇଥିଲେ। ଅଧିନାୟକ ଶ୍ରେୟସ ଆୟର ୨୮ଟି ବଲ୍‌ରେ ୪୨ ରନ୍ କରି ଆଉଟ୍ ହୋଇଥିଲେ। ତଥାପି ନମନ ଧୀର ଦଳ ଉପରେ ଚାପକୁ ହାବି ହେବାକୁ ଦେଇନଥିଲେ। ନମନ ମାତ୍ର ୧୫ଟି ବଲ୍‌ରେ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୪୨ ରନ୍ କରି ଅପରାଜିତ ରହିଥିଲେ। ନୀତୀଶ ରେଡ୍ଡୀ ୨ ରନ୍ କରି ଅପରାଜିତ ଫେରିଥିଲେ। ଏହିପରି ଭାବେ ଭାରତ ୨ଟି ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଥିଲା।

## ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଆଣି ଭାରତର ବିଜୟ ଧ୍ୱଜା ଉଡ଼ାଇଲେ ସୁବର୍ଣ୍ଣା ରାଜ୍



**ନାଗୋୟା**

ଜାପାନର ଆଇଚି-ନାଗୋୟାରେ ଜାରି ଥିବା ଏସୀୟ ପାରା କ୍ରୀଡ଼ା ୨୦୨୬ର ଭାରତର ସଫଳ ଅଭିଯାନ ଆଗକୁ ବଢ଼ିଚାଲିଛି। ଚତୁର୍ଥ ଦିନରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ପଦକ ସୁବର୍ଣ୍ଣା ରାଜ ଜିତିଛନ୍ତି। ସେ ମହିଳା ଡିସ୍କସ୍ ଥ୍ରୋ ଏଫ୍୫୪ ଇଭେଣ୍ଟରେ ୧୫.୬୬ ମିଟରର ସର୍ବୋତ୍ତମ ଥ୍ରୋ ହାସଲ କରିଛନ୍ତି। ଏହା ଭାରତର ୧୫ତମ ସ୍ୱର୍ଣ୍ଣ। ଇରାନର ଶାହଲା ହାଦିଦି ୧୫.୪୫ ମିଟରର ବ୍ୟକ୍ତିଗତ ସର୍ବୋତ୍ତମ ଥ୍ରୋ ସହିତ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି।

ଭାରତ ପାଇଁ ସ୍ୱାତୀ ଚୌଧୁରୀ ତୀରନ୍ଦାଜୀରେ ପ୍ରଥମ ପଦକ ଜିତିଛନ୍ତି। ସେ ପାରା ଆର୍ଚେରୀ ଡବ୍ଲ୍ୟୁ୧ ମହିଳା ବ୍ୟକ୍ତିଗତ ଇଭେଣ୍ଟର ଫାଇନାଲରେ ଚୀନର ମେଗକାନ ସେନଙ୍କଠାରୁ ୬-୪ ରେ ପରାସ୍ତ ହୋଇଥିଲେ। ଏହି କାରଣରୁ ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

ସେମିଫାଇନାଲରେ ଇଣ୍ଡୋନେସିଆର ରିନା ମାର୍ଲିନା ଏବଂ ସୁଭାନଙ୍କଠାରୁ ହାରିବା ପରେ କୃଷ୍ଣ ନାଗର ଏବଂ ନିତ୍ୟା ଶ୍ରୀ ମିଶ୍ରିତ ଯୁଗଳ ଏସଏଚ୬ରେ କାଂସ୍ୟ ଜିତିଛନ୍ତି। ଇଣ୍ଡୋନେସିଆର ଯୋଡ଼ି ମ୍ୟାଚ୍ ୨୧-୧୪, ୨୧-୧୮ରେ ଜିତିଥିଲେ।

ଏହି ସ୍ୱର୍ଣ୍ଣ ପଦକ ସହିତ ଭାରତ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଦକ୍ଷିଣ କୋରିଆର ମଧ୍ୟ ୧୫ ସ୍ୱର୍ଣ୍ଣ ପଦକ ଅଛି। ଭାରତ ୨୨ ରୌପ୍ୟ ପଦକ ପାଇଛି।

## ୮ ଥରର ବିଶ୍ୱ ଚାମ୍ପିଅନ୍‌ଙ୍କୁ ହରାଇ ଇତିହାସ ରଚିଲେ ଅନାହତ



**ନୂଆଦିଲ୍ଲୀ**

ଭାରତର ଯୁବ ସ୍କ୍ୱାଶ୍ ଖେଳାଳି ଅନାହତ ସିଂ ଅନ୍ତର୍ଜାତୀୟ ମଞ୍ଚରେ ଏକ ବଡ଼ ବିପର୍ଯ୍ୟୟ ଘଟାଇ ନିଜ କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଛନ୍ତି। ୧୮ ବର୍ଷୀୟା ଅନାହତ ଆମେରିକାରେ ଖେଳାଯାଉଥିବା ସିଲିକନ୍ ଭ୍ୟାଲି ଓପନରେ ମିଶରର ୮ ଥରର ବିଶ୍ୱ ଚାମ୍ପିଅନ୍ ନୁର୍ ଅଲ୍ ଶେରବିନିଙ୍କୁ ସିଧାସଳଖ ଗେମ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୧୫ ନମ୍ବର ଖେଳାଳି ଅନାହତ, ତୃତୀୟ ମାନ୍ୟତା ପ୍ରାପ୍ତ ଶେରବିନିଙ୍କୁ ମାତ୍ର ୩୦ ମିନିଟରେ ପରାସ୍ତ କରିଛନ୍ତି।

ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଅନାହତ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଶୀର୍ଷ ମାନ୍ୟତା ପ୍ରାପ୍ତ ଶେରବିନିଙ୍କୁ ୧୧-୮, ୧୧-୮, ୧୧-୭ରେ ପରାସ୍ତ କରିଥିଲେ। ତିନିଟି ଯାକ ଗେମରେ ଭାରତୀୟ ଖେଳାଳି ଜଣକ ଚାପ ସତ୍ତ୍ୱେ ନିଜର ସଂଯମତା ବଜାୟ ରଖିଥିଲେ ଏବଂ ମିଶରର ଏହି ଷ୍ଟାର୍ ଖେଳାଳିଙ୍କୁ ପ୍ରତ୍ୟାବର୍ତ୍ତନର କୌଣସି ସୁଯୋଗ ଦେଇନଥିଲେ।

ଶେରବିନି ୮ ଥରର ବିଶ୍ୱ ଚାମ୍ପିଅନ୍ ଏବଂ ବିଶ୍ୱ ମାନ୍ୟତାର ବର୍ତ୍ତମାନ ତୃତୀୟ ସ୍ଥାନରେ ଅଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ବିପକ୍ଷରେ ଅନାହତଙ୍କ ଏହି ବିଜୟ ଭାରତୀୟ ସ୍କ୍ୱାଶ୍ ପାଇଁ ଏକ ବଡ଼ ସଫଳତା। ଏହି ମ୍ୟାଚ୍‌ରେ ସିଧାସଳଖ ଗେମରେ ବିଜୟ ହାସଲ କରି ଅନାହତ ନିଜର ପ୍ରତିଭା ଏବଂ ବଡ଼ ଖେଳାଳିଙ୍କ ବିପକ୍ଷରେ ଲଢ଼ିବାର କ୍ଷମତାର ପରିଚୟ ଦେଇଛନ୍ତି।

ଅନାହତଙ୍କ ପାଇଁ ଏହି ବିଜୟ ଏଥିପାଇଁ ମଧ୍ୟ ବିଶେଷ, କାରଣ ସେ ନିଜଠାରୁ ଉଚ୍ଚ ମାନ୍ୟତା ପ୍ରାପ୍ତ ଅଭିଜ୍ଞ ଖେଳାଳିଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷୀୟା ଭାରତୀୟ ଖେଳାଳି ଜଣକ କ୍ରମାଗତ ଭାବେ ଆନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୁଦୃଢ଼ କରୁଛନ୍ତି। ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିବା ପରେ ଏବେ ସିଲିକନ୍ ଭ୍ୟାଲି ଓପନରେ ତାଙ୍କର ପ୍ରଦର୍ଶନ ଚର୍ଚ୍ଚାରେ ରହିଛି। ଏହି ମ୍ୟାଚ୍ ଆମେରିକାର ରେଡ୍‌ଉଡ୍ ସିଟିରେ ଆୟୋଜିତ ୧,୪୩,୫୦୦ ଡଲାର ପୁରସ୍କାର ରାଶି ବିଶିଷ୍ଟ ପିଏସଏ ଗୋଲ୍ଡ ଟୁର୍ଣ୍ଣାମେଣ୍ଟର ଏକ ଅଂଶ ଅଟେ। ଏହି ପ୍ରତିଯୋଗିତାରେ ବିଶ୍ୱର ଅନେକ ଶୀର୍ଷ ସ୍ତରୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

## ପାରା ଏସିଆନ୍ ଗେମ୍ସ : ରୌପ୍ୟ ପଦକ ଜିତିଲେ ଓଡ଼ିଆ ଝିଅ ଜୟନ୍ତୀ ବେହେରା

**ନାଗୋୟା**

ଓଡ଼ିଆ ଝିଅ ଜୟନ୍ତୀ ବେହେରା ଏସିଆନ୍ ଗେମ୍ସର ମହିଳା ୪୦୦ ମିଟର ଟି-୪୭ ପ୍ରତିଯୋଗିତାରେ ଗୁରୁବାର ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ଅଞ୍ଜନାବେନ ବୁମ୍ବାଡିଆ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ବୁମ୍ବାଡିଆ ୪୦୦ ମିଟର ଦୌଡ଼ିବାକୁ ୫୯.୯୭ ସେକେଣ୍ଡ ସମୟ ନେଇଥିଲେ ଏବଂ ଚାରି ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକ ମିନିଟ୍‌ରୁ କମ୍ ସମୟ ନେଇଥିବା ସେ ଏକମାତ୍ର ଆଥଲେଟ୍ ଥିଲେ। ଜୟନ୍ତୀ ବେହେରା ଏହି ରେସ୍ ପୂରା କରିବାକୁ ୧ ମିନିଟ୍ ୦୦.୬ ସେକେଣ୍ଡ ସମୟ ନେଇଥିଲେ। ସେହିପରି ଥାଇଲାଣ୍ଡର ସାସିରାୱାନ ଇନ୍ତାଚୋତ ୧ ମିନିଟ୍ ୦୨.୫୮ ସେକେଣ୍ଡ ସମୟ ସହ କାଂସ୍ୟ ପଦକ ଜିତିଛନ୍ତି।



ଅନ୍ୟପଟେ ମହିଳା ୪୦୦ ମିଟର ଟି-୧୨ ପ୍ରତିଯୋଗିତାରେ ଦୃଷ୍ଟିହୀନ କ୍ରୀଡ଼ାବିତ୍ ତେଜଲବେନ ଦାମୋର ୫୭.୬୦ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ଜିତିଛନ୍ତି। ଯାହାକି ଏହି ଗେମ୍ସରେ ତାଙ୍କର ଦ୍ୱିତୀୟ ପଦକ। ସେ ପୂର୍ବରୁ ୨୦୦ ମିଟର ଟି-୧୨ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିଲେ। ସୂଚନାଯୋଗ୍ୟ ଟି-୪୭ ଶ୍ରେଣୀରେ ସେହି ଆଥଲେଟ୍ ମାନେ ଆସନ୍ତି, ଯେଉଁମାନଙ୍କର କହୁଣୀ ତଳୁ ହାତ କିମ୍ବା କବଜି କଟିଯାଇଥାଏ ଅଥବା ଶରୀରର ଉପର ଭାଗରେ ଏଭଳି କୌଣସି ସମସ୍ୟା ଥାଏ, ଯାହାଦ୍ୱାରା ଗୋଟିଏ ହାତ ପ୍ରଭାବିତ ହୋଇଥାଏ।

ଭାରତୀୟ ସନ୍ତରଣକାରୀ କପିଲ କୁମାର ପୁରୁଷ ୪୦୦ ମିଟର ଫ୍ରି-ଷ୍ଟାଇଲ୍ ଏସ୧୦ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଛନ୍ତି। ୨୬ ବର୍ଷୀୟ କପିଲ ୪ ମିନିଟ୍ ୩୮.୪୪ ସେକେଣ୍ଡ ସମୟ ନେଇଥିଲେ। ଜାପାନର ଅକିତୋ ମିନାଇ ଏସିଆନ୍ ପାରା ଗେମ୍ସର ରେକର୍ଡ ସମୟ (୪ ମିନିଟ୍ ୨୭.୪୪ ସେକେଣ୍ଡ) ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇରାନର ଶାହିନ୍ ଇଜାଦୟାରଙ୍କୁ କାଂସ୍ୟ ପଦକ ମିଳିଛି। ଏସ୧୦ ଶ୍ରେଣୀରେ ସେହି ସନ୍ତରଣକାରୀମାନେ ଆସନ୍ତି, ଯେଉଁମାନଙ୍କଠାରେ ସାଧାରଣତଃ ଶାରୀରିକ ଦୁର୍ବଳତା କିମ୍ବା ସମସ୍ୟା ବହୁତ କମ୍ ଥାଏ, ଯେମିତି କି ଗୋଡ଼ରେ ଦୁର୍ବଳତା, ଗୋଡ଼ ନଥିବା, ଆଣ୍ଠୁ ତଳୁ ଗୋଡ଼ ନଥିବା କିମ୍ବା ପେଟ/ଶ୍ରୋଣୀ ସହ ଜଡ଼ିତ ସମସ୍ୟା।

ସେହିପରି ଭାରତର ସ୍ୱାତିକ ପଟେଲ ପୁରୁଷ ୧୦୦ ମିଟର ବ୍ରେଷ୍ଟ-ଷ୍ଟ୍ରୋକ ଏସବି୯ ବର୍ଗରେ କାଂସ୍ୟ ପଦକ ଜିତିଛନ୍ତି। ସ୍ୱାତିକ ୧:୧୩.୭୭ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଇରାନର ସିନା ଜେଘାମିନେଜାଦ ୧:୦୯.୪୭ ସମୟ ସହ ସ୍ୱର୍ଣ୍ଣ ଏବଂ ଇରାନର ଶାହିନ୍ ଇଜାଦୟାର ୧:୧୩.୨୩ ସମୟ ସହ ରଜତ ପଦକ ନିଜ ନାମରେ କରିଛନ୍ତି। ଏସବି୯ ବର୍ଗରେ ଏଭଳି ଖେଳାଳି ସାମିଲ ହୁଅନ୍ତି, ଯେଉଁମାନଙ୍କର ଶାରୀରିକ ଅକ୍ଷମତା ସବୁଠାରୁ କମ୍ ଥାଏ। ଶାରୀରିକ ଅକ୍ଷମତାର ବର୍ଗୀକରଣରେ ଏହି ବର୍ଗର ଖେଳାଳିମାନଙ୍କ କ୍ଷମତା ସବୁଠାରୁ ଅଧିକ ବୋଲି ଧରାଯାଏ।

## ଆଇସିସି ଯୁବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରୁ ଭାରତର ଅଭିଯାନ

**ଦୁବାଇ**



ଦୁଇ ଥରର ବିଜେତା ଭାରତ ଆସନ୍ତା ବର୍ଷ ହେବାକୁ ଥିବା ୧୯ ବର୍ଷରୁ କମ୍ ମହିଳା (ଯୁବା) ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୨୦୨୭ ଜାନୁଆରୀ ୨୧ରୁ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ବାଂଲାଦେଶ ଓ ନେପାଳରେ ଆୟୋଜିତ ହେବାକୁ ଥିବା ଏହି ୧୬ ରାଷ୍ଟ୍ରୀୟ ପ୍ରତିଯୋଗିତା ଲାଗି ଆଇସିସି ସୂଚୀ ଘୋଷଣା କରିଛି। ଗତ ସଂସ୍କରଣ ବିଜେତା ଭାରତ ଗ୍ରୁପ୍-ଏ'ରେ ଆୟର୍ଲାଣ୍ଡ, ୱେଷ୍ଟଇଣ୍ଡିଜ୍ ଓ ସହ ଆୟୋଜକ ନେପାଳ ସହ ରହିଛି। ଗ୍ରୁପ୍-ବି'ରେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ସମୋଆ, ଗ୍ରୁପ୍-ସି'ରେ ଅଷ୍ଟ୍ରେଲିଆ, ସହ ଆୟୋଜକ ବାଂଲାଦେଶ, ନାଇଜେରିଆ ଓ ୟୁଏଇ ଏବଂ ଗ୍ରୁପ୍-ଡି'ରେ ଇଂଲଣ୍ଡ, ଶ୍ରୀଲଙ୍କା, ଆମେରିକା ଓ ସ୍କଟଲାଣ୍ଡ ରହିଛନ୍ତି। ଜାନୁଆରୀ ୨୨ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତ ଖେଳିବା ପରେ ୨୪ରେ ନେପାଳ ଏବଂ ୨୬ରେ ଆୟର୍ଲାଣ୍ଡ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ।

ଏହି ସମସ୍ତ ମ୍ୟାଚ୍ ନେପାଳର ତୁ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟ ୨୬ରେ ଶେଷ ହେବା ପରେ ସୁପର-୬କୁ ଯୋଗ୍ୟତା ଅର୍ଜନ କରିଥିବା ଦଳକୁ ୨ ଭାଗରେ ବିଭକ୍ତ କରାଯିବ। ସୁପର-୬ର ଦୁଇ ଗ୍ରୁପର ଦୁଇ ଲେଖାଏଁ ଦଳ ସେମିଫାଇନାଲ୍‌ରେ ପହଞ୍ଚିବେ। ସେମିଫାଇନାଲ୍ ଦ୍ୱୟ ଫେବୃୟାରୀ ୪ ତାରିଖରେ ଖେଳାଯିବ। ଫାଇନାଲ୍ ମ୍ୟାଚ୍ ୬ ତାରିଖରେ ଖେଳାଯିବ। ଉଭୟ ସେମିଫାଇନାଲ୍ ଓ ଫାଇନାଲ୍ ଲାଗି ରିଜର୍ଭ ଦିନ (ଫେବୃୟାରୀ ୫ ଓ ୭) ରଖାଯାଇଛି।

## ପିସିବି ବର୍ତ୍ତମାନ ଏକ ନୂତନ ମାଇଣ୍ଡସେଟ୍ ସହିତ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛି : ଅଖତର

**ଇସଲାମାବାଦ**

ବାରମ୍ବାର ପାକିସ୍ତାନ କ୍ରିକେଟ ଟିମକୁ ସମାଲୋଚନା କରିଆସୁଥିବା ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତର ଦଳକୁ ପ୍ରଶଂସାରେ ପୋତି ପକାଇଛନ୍ତି। ପିସିବି ଏବଂ ଦଳକୁ ନେଇ ବିଭିନ୍ନ ସମୟରେ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହୁଥିବା ରାୱଲପିଣ୍ଡି ଏକ୍ସପ୍ରେସ୍ କିନ୍ତୁ ଏଥରକ ଭୁରି ଭୁରି ପ୍ରଶଂସା କରିବାକୁ ଭୁଲିନାହାନ୍ତି। ଖେଳାଯାଉଥିବା ତ୍ରିରାଷ୍ଟ୍ରୀୟ ସିରିଜର ପ୍ରଥମ ଦୁଇଟି ମ୍ୟାଚରେ ଦଳର ବଡ଼ ବିଜୟ ପରେ ସେ ଏକ ଟିଭି ଇଣ୍ଟରଭିୟୁରେ କିଛି ଏଭଳି କହିଛନ୍ତି ଯାହାକି ବେଶ ଚର୍ଚ୍ଚାର ବିଷୟ ପାଲଟିଛି।



ଏକ ପାକିସ୍ତାନୀ ଟିଭି ଚ୍ୟାନେଲର କ୍ରିକେଟ୍ ସୋ'ରେ କଥାବାର୍ତ୍ତା କଲାବେଳେ ଶୋଏବ ଅଖତର ପିସିବି ଏବଂ ଦଳର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ସୋ'ରେ ଅଖତର କହିଛନ୍ତି ଯେ, ପିସିବି ବର୍ତ୍ତମାନ ଏକ ନୂତନ ମାଇଣ୍ଡସେଟ୍ ସହିତ ଆଗକୁ ବଢ଼ିବାକୁ ନିଷ୍ପତ୍ତି ନେଇଛି। ବୋର୍ଡ ଏବେ 'ନୋ ନନସେନ୍ସ' ଏବଂ 'ଜିଗରା ପଲିସି' ଆପଣାଇଛି। ବୋର୍ଡ ଖେଳାଳିମାନଙ୍କୁ ସ୍ପଷ୍ଟ ଭାବେ କହିଦେଇଛି ଯେ, ଯଦି କେବଳ ନିଜର ବ୍ୟକ୍ତିଗତ ରେକର୍ଡ ବନାଇବା ପାଇଁ ଖେଳିବ, ତେବେ ଘରେ ବସ।

ତେବେ ତାଙ୍କର ଏଭଳି ପ୍ରତିକ୍ରିୟା ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। କାରଣ ପୂର୍ବରୁ ଲଗାତାର ପିସିବି ଏବଂ ଖେଳାଳିଙ୍କୁ ସମାଲୋଚନା କରିଆସୁଥିଲେ। ଏବେ କିନ୍ତୁ ଶ୍ରୀଲଙ୍କା ଏବଂ ଶକ୍ତିଶାଳି ଇଂଲଣ୍ଡ ବିପକ୍ଷରେ ଖେଳୁଥିବା ତ୍ରିରାଷ୍ଟ୍ରୀୟ ସିରିଜର ପ୍ରଥମ ଦୁଇ ମ୍ୟାଚ ଜିତିବା ପରେ ଅଖତରଙ୍କ ସ୍ୱର ବଦଳିଯାଇଛି। ଯାହାକୁ ନେଇ ସୋସିଆଲ ମିଡିଆରେ କିଛି ୟୁଜର୍ସ ତାଙ୍କୁ କହିଛନ୍ତି କି, କ'ଣ ଏହି ଦୁଇଟି ମ୍ୟାଚ୍ ଜିତିବା ପରେ ଏମିତି ସ୍ୱର ବଦଳାଇଦେଲ। ଫାଇନାଲ ଜିତିକି ଦେଖାଅ।

## କୋଲାବିରା ଫୁଟବଲ : ଦେବାଡ଼ିହି ଚାମ୍ପିଅନ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଗ୍ରାମରେ ପ୍ରସିଦ୍ଧ ବଏଲ ଯାତ୍ରା ଉପଲକ୍ଷେ ଦ୍ୱିଦିବସୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ଏହାର ଫାଇନାଲ ଖେଳରେ ଦେବାଡ଼ିହି ଦଳ ୧-୦ ଗୋଲରେ ନାଗୁପତ୍ରା ଦଳକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଖେଳଗୁଡ଼ିକୁ ରେଫରି ଲେଲିନ ପଟେଲ, ସାଗର ନାଏକ, ଲକ୍ଷ୍ମଣ କିସାନ, ନୀଳ ନାଏକ, ଧୀରଜ ଲୁହାର, ତୁଷାର ଲୁହାର ଓ କାର୍ତ୍ତିକ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେବା ଅନୁଷ୍ଠାନର ବିତ୍ତ ଅଧିକାରୀ ଶ୍ରୀକାନ୍ତ କଉଡ଼ି ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ସେୱା ଅନୁଷ୍ଠାନର ସମ୍ପାଦକ ସୁଶିଲ କୁମାର ଦାଶ, ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ପୂର୍ବତନ ସରପଂଚ କରୁଣାକର ସେଟ, ଭବାନୀପାଟଣା କଲେଜର ଅବସରପ୍ରାପ୍ତ ଅଧକ୍ଷ ଛବିଲାଲ ସାହୁ, ଝିର୍ଲାପାଲି ସରପଂଚ ତିଲୋତ୍ତମା ଛତ୍ରାନ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ବେହେରା, ଅବସରପ୍ରାପ୍ତ ସେନା କର୍ମଚାରୀ ମହେନ୍ଦ୍ର ସାହୁ, ସାମ୍ବାଦିକ ସୁକାନ୍ତ ସାହୁ, ସରପଞ୍ଚ ଚେତାନନ୍ଦ ନଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅପରପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କୋଲାବିରା ଭାରପ୍ରାପ୍ତ ସରପଞ୍ଚ ଅଞ୍ଜଳି ବାଗ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ମା' ସମଲେଶ୍ୱରୀ କ୍ଲବର ସଭାପତି ଗଣେଶ ପ୍ରଧାନ, ସମ୍ପାଦକ ରାକେଶ ବୁଦୁଲା, ସଦସ୍ୟ ଗୋପବନ୍ଧୁ କିସାନ, ଯତୀଶ ବୁଦୁଲା, ଅମିର କିସାନ, ରାଜା ବୁଦୁଲା, ମୁକେଶ ନାଏକ, ଦେବାଶିଷ ବାଗ, ଅଲେଖ କିସାନ, ଟିକୁ ବୁଦୁଲା, ବିନୋଦ କିସାନ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଲେ ରାଜ୍ୟର ଦୁଇ ଯୁବ ଆଥଲେଟ୍

**କଟକ**

ସଡ଼କ ଦୁର୍ଘଟଣାରେ ଚାଲିଗଲା ଦୁଇ ଜଣ ଯୁବ କ୍ରିଡ଼ାବିତ୍‌ଙ୍କ ଜୀବନ। କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ନଖରା ନିକଟରେ ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ରାଜ୍ୟର ଦୁଇ ଜଣ ପ୍ରତିଭାବାନ ଯୁବ ଆଥଲେଟ୍‌ଙ୍କ ମୃତ୍ୟୁ ଘଟିଛି। ଏହି ଦିବଂଗତ ଆଥଲେଟ୍ ମାନଙ୍କ ମଧ୍ୟରୁ ଜଣେ ଅତାବିରା ଥାନା ଅଞ୍ଚଳର ମଳୟ ବାରିକ ଏବଂ ଅନ୍ୟ ଜଣେ ଭବାନିପାଟଣାର ଜୟରାମ ଦଣ୍ଡପତି ବୋଲି ଜଣାପଡ଼ିଛି। ଏହି ଦୁଃଖଦ ଘଟଣା ଓଡ଼ିଶାର ଆଥଲେଟିକ୍ସ ଜଗତକୁ ସ୍ତବ୍ଧ କରିଦେଇଛି। ସୂଚନାଯୋଗ୍ୟ ଯେ, ବୁଧବାର ରାତି ପ୍ରାୟ ୧୦:୩୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଉଭୟ ଆଥଲେଟ୍‌ଙ୍କୁ ତୁରନ୍ତ କଟକର ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।



ଜୟରାମ ଭାରତର ଅନ୍ୟତମ ଦ୍ରୁତତମ ଅଣ୍ଡର-୨୩ ସ୍ପ୍ରିଣ୍ଟର ଭାବେ ଉଭା ହେଉଥିବାବେଳେ, ମଳୟ ଜଣେ ପ୍ରତିଭାବାନ ୪୦୦ ମିଟର ଧାବକ ଥିଲେ। ଏହି ଉଭୟ ଆଥଲେଟ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ହାଇ-ପରଫରମାନ୍ସ ସେଣ୍ଟରରେ ବୃତ୍ତିଗତ ପ୍ରଶିକ୍ଷଣ ନେଉଥିଲେ।

## ପ୍ରଥମ ଟି୨୦ରେ ସାମସନଙ୍କ ବଡ଼ ରେକର୍ଡ

**ନୂଆଦିଲ୍ଲୀ**

ସଂଜୁ ସାମସନ ଗୁରୁବାର ଦିନ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ଯେଉଁ ଅଭିଳାଷ ନେଇ କ୍ରିଜ୍‌କୁ ଓହ୍ଲାଇଥିଲେ, ତାହା ପୂରା କରିଛନ୍ତି। ମାତ୍ର ୨୩ଟି ବଲ୍ ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ ଆକ୍ରମଣାତ୍ମକ ବ୍ୟାଟିଂ ବଳରେ ଭାରତୀୟ ପ୍ରଶଂସକଙ୍କ ହୃଦୟ ଜିତିଥିଲେ। ଅଭିଷେକ ଶର୍ମାଙ୍କ ସହିତ ତାଙ୍କର ୯୩ ରନ୍‌ର ଭାଗିଦାରୀ ଭାରତର ମୂଳଦୁଆକୁ ବଳ ଯୋଗାଇ ଥିଲା। ସଂଜୁଙ୍କ ଏହି ଇନିଂସ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଭାରତ ପାଇଁ ସର୍ବାଧିକ ୫୦ ଅଥବା ଅଧିକ ରନ୍ ସଂଗ୍ରହ କରିଥିବା ବ୍ୟାଟରଙ୍କ ଚର୍ଚ୍ଚାର କେନ୍ଦ୍ର ପାଲଟିଛି। ଏହି ମାମଲାରେ ସୂର୍ଯ୍ୟକୁମାର ଯାଦବଙ୍କ ରେକର୍ଡ ଏବେ ସବୁଠାରୁ ଉପରେ ରହିଛି।

ନ୍ୟୁଜିଲାଣ୍ଡ ବିପକ୍ଷ ମୁକାବିଲାରେ ସଂଜୁ ସାମସନ ଆରମ୍ଭରୁ ବଡ଼ବଡ଼ ସର୍ଟ ଖେଳିଥିଲେ। ସେ ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ତାଙ୍କର ବ୍ୟାଟିଂର ସବୁଠାରୁ ବଡ଼ କଥା ହେଲା ଯେ, ସେ ବଲ୍‌କୁ ଉଟ୍ କରି ନଥିଲେ।

## ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଟିମ୍ ଇଣ୍ଡିଆକୁ ସ୍ପଷ୍ଟ ଚେତାବନୀ ଦେଲେ ସୁନୀଲ ଗାଭାସ୍କର

**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟି ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ୨-୨ରେ ଡ୍ର' ରହିବା ପରେ, ପୂର୍ବତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଦଳର ସଂଯୋଜନାକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ଗାଭାସ୍କରଙ୍କ ମତରେ, ଟିମ୍ ମ୍ୟାନେଜମେଣ୍ଟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ସିଧାସଳଖ ବିକଳ୍ପ ଖୋଜିବା ପଛରେ ଅଧିକ ସମୟ ନଷ୍ଟ ନକରି ଏମିତି ଖେଳାଳି ମାନଙ୍କୁ ପ୍ରସ୍ତୁତ କରିବା ଉଚିତ୍, ଯେଉଁମାନେ ଭିନ୍ନ ଭିନ୍ନ ଭୂମିକା ନିଭାଇ ପାରିବେ।



ଗାଭାସ୍କର କହିଛନ୍ତି, 'ଆମେ କେବେ କେବେ ହାର୍ଦ୍ଦିକଙ୍କ ବିକଳ୍ପ ଖୋଜିବାରେ ଅଧିକ ବ୍ୟସ୍ତ ହୋଇଯାଉ। ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ଯଦି ଆପଣଙ୍କୁ ତାଙ୍କ ଦକ୍ଷତା ସମ୍ପନ୍ନ ଖେଳାଳି ମିଳୁନାହାନ୍ତି, ତେବେ ଏମିତି ଜଣେ ଖେଳାଳିଙ୍କୁ ନେଇ ଆଗକୁ ବଢ଼ନ୍ତୁ ଯିଏ ଦଳ ପାଇଁ ଟିକେ ଭିନ୍ନ ଭୂମିକା ନିଭାଇ ପାରିବେ।'

ଗାଭାସ୍କର ଯୁବ ଖେଳାଳି ନମନ ଧୀରଙ୍କ ଉଦାହରଣ ଦେଇ କହିଛନ୍ତି ଯେ, ସେ ବ୍ୟାଟ୍ ଏବଂ ବଲ୍ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ପାରିବେ। ନିର୍ଣ୍ଣାୟକ ମ୍ୟାଚ୍‌ରେ ନମନ ଧୀରଙ୍କ ୬ଟି ବଲ୍‌ରେ ଅପରାଜିତ ୨୪ ରନ୍‌ର ଧୂଆଁଧାର ପାଳି ବିଷୟରେ ଉଲ୍ଲେଖ କରି ଗାଭାସ୍କର କହିଛନ୍ତି, 'ନମନ ଧୀର ବ୍ୟାଟିଂରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ଦୁଇ-ତିନି ଓଭର ବୋଲିଂ ମଧ୍ୟ ସମ୍ଭାଳି ପାରିବେ। ଅନ୍ୟପଟେ, ଅକ୍ଷର ପଟେଲ ନିଜର ୪ ଓଭର ସମ୍ପୂର୍ଣ୍ଣ କରିବାର ଦକ୍ଷତା ରଖିଛନ୍ତି।'

ଗାଭାସ୍କର କହିଛନ୍ତି ଯେ, ଏହି ସିରିଜ୍‌ରୁ ଭାରତ ଶିକ୍ଷା ଗ୍ରହଣ କରି ଦଳକୁ ଅତିକମରେ ଚାରିଜଣ ନିୟମିତ ବୋଲରଙ୍କ ସହ ପଡ଼ିଆକୁ ଓହ୍ଲାଇବା ଉଚିତ୍। ଯେତେବେଳେ କି ପଞ୍ଚମ ଏବଂ ଷଷ୍ଠ ବୋଲରଙ୍କ ଭୂମିକା ଅଲରାଉଣ୍ଡରମାନେ ନିଭାଇ ପାରିବେ ବୋଲି ସେ ଜୋର ଦେଇଛନ୍ତି।

ପୂର୍ବତନ ଦିଗ୍ଗଜ ଓପନିଂ ବ୍ୟାଟ୍ସମ୍ୟାନ ଚେତାବନୀ ଦେଇ କହିଛନ୍ତି ଯେ, ବ୍ୟାଟିଂ ଲାଇନ-ଅପ୍‌କୁ ଅଷ୍ଟମ ନମ୍ବର ପର୍ଯ୍ୟନ୍ତ ଲମ୍ବା କରିବା ଚେଷ୍ଟାରେ ଭାରତ ନିଜର ବୋଲିଂକୁ ଦୁର୍ବଳ କରୁଛି। ଗାଭାସ୍କର କହିଛନ୍ତି, 'ଯେତେବେଳେ ଆପଣ ଅଷ୍ଟମ ନମ୍ବର ପର୍ଯ୍ୟନ୍ତ ବ୍ୟାଟିଂ ନେଇ ପଡ଼ିଆକୁ ଓହ୍ଲାନ୍ତି, ସେତେବେଳେ ନିଜ ବୋଲିଂକୁ ଦୁର୍ବଳ କରିଦିଅନ୍ତି ଏବଂ ଏହି କାରଣରୁ ଆପଣଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥାଏ।'

ବର୍ଷା ଯୋଗୁଁ ବାତିଲ ହୋଇଥିବା ୯-୯ ଓଭରର ମ୍ୟାଚ୍ ଉପରେ ନିରାଶା ପ୍ରକାଶ କରି ଗାଭାସ୍କର କହିଛନ୍ତି ଯେ, ଏହି ଛୋଟ ଫର୍ମାଟରେ ଭାରତୀୟ ବୋଲରମାନଙ୍କୁ ପରଖିବାର ସୁଯୋଗ ମିଳିଲାନାହିଁ। ଏହା ବ୍ୟତୀତ, ସେ ଦଳର ମ୍ୟାନେଜମେଣ୍ଟକୁ ପରାମର୍ଶ ଦେଇଛନ୍ତି ଯେ, ସ୍ପିନରମାନଙ୍କ ଆତ୍ମବିଶ୍ୱାସ ବଜାୟ ରଖିବା ପାଇଁ ସେମାନଙ୍କୁ କ୍ରମାଗତ ଭାବେ ସହଯୋଗ କରନ୍ତୁ।

ହାର୍ଦ୍ଦିକ ପାଣ୍ଡ୍ୟା ଦୀର୍ଘ ଦିନ ହେବ ଭାରତୀୟ କ୍ରିକେଟ୍ ଦଳରୁ ବାହାରେ ରହିଛନ୍ତି। ଆହାତ ସମସ୍ୟା କାରଣରୁ ସେ ପ୍ରତ୍ୟାବର୍ତ୍ତନ କରିପାରୁ ନାହାନ୍ତି। ବର୍ତ୍ତମାନ ହାର୍ଦ୍ଦିକ ବେଙ୍ଗାଲୁରୁ ସ୍ଥିତ ଏନସିଏସରେ ନିଜର ରିହ୍ୟାବ୍ ଉପରେ ବହୁତ ଜୋରସୋରରେ କାମ କରୁଛନ୍ତି। ହାର୍ଦ୍ଦିକ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଟିମ୍ ଇଣ୍ଡିଆକୁ ଫେରିବେ ବୋଲି ଆଶା କରାଯାଉଛି।

DIRECTORATE OF GROUND WATER DEVELOPMENT : ODISHA
Office of The Deputy Director, GWD Division-II, Bhubaneswar
A/2, Unit-V, Bhubaneswar
[e-mail: srgeologistrsbbsr@gmail.com]
e- Procurement Notice : 999 Date: 14.10.26
Bid Identification No. 03/GWRSD/CHHATA/2026-27
(Single-Envelope Bidding Process)
32001/1098/2627

Name of Work :
Construction of 5 nos. of Rooftop Rainwater Harvesting System at different locations of Kakatpur Block Area under District Puri During FY-2026-27
Bid Identification No. (BIN) : 03/GWRSD/CHHATA/2026-27
Estimated Cost Put to Bid : Rs.12.30 lakhs (Without GST)
Class of Contractor : "C" or "D"
Period of Completion : 60(SIXTY) Days
Availability of Bid Document on e-Procurement portal : From 26/10/2026 11.00 Hrs. To 04/11/2026 17.00 Hrs.
Last Date and Time for Submission of Bids: Date : 04/11/2026; Time: 17:00 Hrs.
Date and Time of Opening of Bids: Date : 05/11/2026; Time: 14:00 Hrs.
Name & address of the officer inviting Bid : Office of The Deputy Director, GWD Division-II, Bhubaneswar A/2, Unit-V, Bhubaneswar
* Further details can be seen from the Govt. website "www.tendersodisha.gov.in". Any addendum/corrigendum/cancellation of tender can also be seen in the said website.
Sd/- Deputy Director (Geology)
GWD Division-II, Bhubaneswar
OIPR-32001/32469/1/26-27/0002

OFFICE OF THE DIVISIONAL FOREST OFFICER, RAYAGADA
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା
8001/398/2627
E-mail: dfo.rayagada@odisha.gov.in
Tender Call Notice No 04/2026-27 Dated. 16.10.2026.
Sealed percentage-rate bids in offline mode are invited from eligible contractors for construction of 08 nos. VSS Buildings under Rayagada Forest Division during FY 2026-27 at Kakudipodar, Kutrujhiri, Naringjodi, Podabandha, Kanchaguma and Ratapoda under Maikanch GP, and Khurigaon under Khurigaon GP and Renga under Renga GP.
- Estimated Cost: ₹12,84,000/- per work (inclusive of GST)
- Tender Document Fee: ₹6,000/- per work.
- EMD: ₹12,900/- per work.
- Completion Period: 3 months.
- Bid Submission: Bidders may apply for one or more works; a separate bid shall be submitted for each work.
- Availability of Tender Documents: 16.10.2026 to 03.11.2026, up to 5:00 PM.
- Last Date & Time for Submission: 03.11.2026, up to 5:00 PM.
- Opening of Technical Bids: 04.11.2026 at 11:00 AM at the office of the undersigned.
- Mode of Submission: Physical submission in the prescribed three-cover system.
- Detailed DTCN: Available at the office of the undersigned and on the websites www.odishaforest.in/tenders and https://rayagada.odisha.gov.in.

Sd/- Divisional Forest Officer,
Rayagada Division.
OIPR-8001/8062/1/26-27/0005

ଭୁବନେଶ୍ୱର, ୨୩ ଅକ୍ଟୋବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27









ଭୁବନେଶ୍ୱର : ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଥିବା ମା' ଦୁର୍ଗାଙ୍କ ମୂର୍ତ୍ତିଗୁଡିକୁ ବିସର୍ଜନ ଶୋଭାଯାତ୍ରାରେ ନିଆଯାଉଛି । (ଫଟୋ : ସମ୍ବାଦ କଳିକା)

# ନାଲ୍କୋ ପକ୍ଷରୁ ଭୁବନେଶ୍ୱରରେ ମୁଖ୍ୟ ସତର୍କତା ଅଧିକାରୀଙ୍କ ସମ୍ମିଳନୀ

**ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକତାଭିତ୍ତିକ ପ୍ରଶାସନକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ତଥା ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍ (ନାଲ୍କୋ) ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ)ଙ୍କ ଏକ ବୈଠକ ଆୟୋଜିତ ହୋଇଯାଇଛି । କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ପକ୍ଷରୁ ଚାଲିଥିବା ତିନିମାସିଆ ସଚେତନତାମୂଳକ ସତର୍କତା ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମର ଆୟୋଜନ




କରାଯାଇଥିଲା । ନାଲ୍କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଅଧିବେଶନରେ ନାଲ୍କୋର ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ଏବଂ ନାଲ୍କୋର ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ, ଆଇଏଏସ୍, ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିଲେ ଏବଂ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ସଚ୍ଚୋଟତାର ପ୍ରସାରରେ ସତର୍କତା ବ୍ୟବସ୍ଥାର ଗୁରୁତ୍ୱ ଉପରେ ନିଜ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମରେ ପ୍ରତିଷେଧମୂଳକ ସତର୍କତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ବୈଷୟିକ ଅଧିବେଶନ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ସତର୍କତା ଅନୁମୋଦନ (ଭିଜିଲାନ୍ସ କ୍ଲିୟରାନ୍ସ), ସମ୍ବେଦନଶୀଳ ପଦବି ଚିହ୍ନଟ, ଅଭିଯୋଗ ପରିଚାଳନା ନୀତି ଏବଂ ସତର୍କତାର ପରିସର ଓ ସୀମା ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବକ୍ତାମାନେ କହିଥିଲେ ଯେ, ଜନସାଧାରଣଙ୍କ ଆସ୍ଥା ବୃଦ୍ଧି କରିବା ସହ ଅନୁଷ୍ଠାନର ବିଶ୍ୱସନୀୟତାକୁ ମଜଭୁତ କରିବା ପାଇଁ ଏକ ସୁଦୃଢ଼ ସତର୍କତା ସଂସ୍କୃତି ଅତ୍ୟନ୍ତ ଆବଶ୍ୟକ । ଏହି ବୈଠକରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ, କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ଅଧିକାରୀଙ୍କ ସମେତ ଗେଲ୍, ଭେଲ୍, ଏମ୍‌ସିଏଲ୍, ବେଲ୍, ଏଚ୍‌ସିଏଲ୍ ଓ ଏସ୍‌ଇସିଏଲ୍ ଭଳି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗର ମୁଖ୍ୟ ସତର୍କତା ଅଧିକାରୀ, ବିଭିନ୍ନ ସରକାରୀ ସଂଗଠନର ପ୍ରତିନିଧି, ନାଲ୍କୋର ବରିଷ୍ଠ ଅଧିକାରୀ ଓ ବିଭିନ୍ନ କ୍ଷେତ୍ରର ସତର୍କତା ଅଧିକାରୀମାନେ ଯୋଗ ଦେଇଥିଲେ । ବିଶେଷଜ୍ଞ ଓ ଅଧିକାରୀମାନେ ଏହି ଅବସରରେ ସତର୍କତା କ୍ଷେତ୍ରରେ ଦେଖାଦେଉଥିବା ନୂତନ ଆହ୍ୱାନ, ବୃତ୍ତିଗତ ଅଭିଜ୍ଞତା ଏବଂ ବିଭିନ୍ନ ସଂଗଠନ ଦ୍ୱାରା ଅନୁସୃତ ଉତ୍ତମ ପଦ୍ଧତି ସମ୍ପର୍କରେ ମତ ବିନିମୟ କରିଥିଲେ । ସତର୍କତା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ନୈତିକ ଆଚରଣର ପରିବେଶ ସୃଷ୍ଟି କରିବା ଉପରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ କ୍ଷେତ୍ରର ସରକାରୀ ଉଦ୍ୟୋଗ ଓ ସରକାରୀ ସଂଗଠନର ସତର୍କତା ବିଶେଷଜ୍ଞମାନଙ୍କୁ ଏକ ମଞ୍ଚରେ ଏକତ୍ରିତ କରିଥିବା ଏହି ବୈଠକ ପାରସ୍ପରିକ ଶିକ୍ଷା, ଜ୍ଞାନ ବିନିମୟ ଓ ଅନୁଷ୍ଠାନଗତ ଅଭିଜ୍ଞତା ଆଦାନପ୍ରଦାନର ସୁଯୋଗ ସୃଷ୍ଟି କରିଥିଲା । ସରକାରୀ ସେବାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ପ୍ରଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ବର୍ତ୍ତମାନର ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପ୍ରତିଷେଧମୂଳକ ସତର୍କତା ପଦକ୍ଷେପକୁ ଅଧିକ ଫଳପ୍ରଦ କରିବା ପାଇଁ ଏହି ଅବସରରେ ସମସ୍ତେ ମିଳିତ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

# ଶ୍ରୀମନ୍ଦିରରେ ମହାକାର୍ତ୍ତିକ ନୀତି ଆରମ୍ଭ

**ପୁରୀ, ୨୨/୧୦ ନ୍ୟୁଜ ବ୍ୟୁରୋ**

ଗୁରୁବାର ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀରୁ ଶ୍ରୀମନ୍ଦିରରେ ମହାକାର୍ତ୍ତିକ ନୀତିର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଶ୍ରୀବିଗ୍ରହ ରାଧାଦାମୋଦର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଠାକୁରଙ୍କୁ ସ୍ୱତନ୍ତ୍ର ବାଳଭୋଗ ଅର୍ପଣ କରାଯାଉଛି । ଶ୍ରୀମନ୍ଦିର ନୀତି ନିର୍ଘଣ୍ଟ ଅନୁସାରେ ପ୍ରାତଃ ସାଢ଼େ ୬ଟାରୁ ସାଢ଼େ ୭ଟା ମଧ୍ୟରେ ଶ୍ରୀବିଗ୍ରହଙ୍କ ରାଧାଦାମୋଦର ବେଶ ସମ୍ପନ୍ନ ହେଉଛି । ସେହିଭଳି ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ଠାକୁରଙ୍କ ବାଲ୍ୟଧୂପ ହେଉଛି । ଆସନ୍ତା ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଜାରି ରହିବ । ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥ ତ୍ରିକଚ୍ଛ ପରିଧାନ କରି ଶ୍ରୀଭୁଜରେ ସୁବର୍ଣ୍ଣନଳୀ ଲାଗି ହେଉଛି । ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ସହ ଠାକୁରେ ବାରଲାଗି ପାଟ ବିଭିନ୍ନ ପୁଷ୍ପ ଅଳଙ୍କାର, ଫୁଟା ଶିରିକାପଡ଼ା ଓ ଉତ୍ତରୀୟ ପରିଧାନ କରୁଛନ୍ତି ।। ଏହି ବେଶରେ ଥାଇ ଠାକୁରଙ୍କ ଗୋପାଳବଲ୍ଲଭ ଓ ସକାଳଧୂପ ନୀତି ସଂପନ୍ନ ହେଉଛି । ସ୍ୱତନ୍ତ୍ର ବାଲ୍ୟଧୂପରେ ଠାକୁରଙ୍କୁ ପାଚିଲା କଦଳୀ, ସେଓ, ଚାଉଳିଆ, ନଡ଼ିଆ ଆଦି ଫଳମୂଳ ସହଳିଆ, ଛତୁଆ ଓ ସୋଲା ଆଦି ଅର୍ପଣ କରାଯାଉଛି । ପଞ୍ଚୁକ ଅବସରରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ । ତେବେ ଚଳିତ ବର୍ଷ ଦ୍ୱାଦଶୀ କ୍ଷୟ ଥିବାରୁ ବାଙ୍କଚୂଡ଼ ତଥା ବାମନ ବେଶ ହେବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ରହିଛି ।

# ୨୬ରୁ ଚୌଦ୍ୱାର ଗଣପର୍ବ ରୂପଯାତ୍ରା

## ପୂର୍ଣ୍ଣିମାରେ ପୂଜା ହେବେ ମା' ଲକ୍ଷ୍ମୀ, ରାଧାକୃଷ୍ଣ

**ଚୌଦ୍ୱାର-ଗୁରୁଡ଼ି ଝାଟିଆ, ୨୨/୧୦ ନ୍ୟୁଜ ବ୍ୟୁରୋ**

କୁମାରପୂର୍ଣ୍ଣିମା ଦିନ ଆରମ୍ଭ ହେବ ଚୌଦ୍ୱାରର ଗଣପର୍ବ 'ରୂପଯାତ୍ରା' । ଏହି ଯାତ୍ରାର ପରିକଳ୍ପନା ୧୮୯୪ ମସିହାରେ ପ୍ରଥମେ ୩ଟି ମେଢ଼କୁ ନେଇ ଆରମ୍ଭ ହୋଇଥିଲା । ସର୍ବ ପ୍ରଥମେ ଯୋଗୀ ସାହୁ ମହାଜନଙ୍କର ମହାଦେବ ମୂର୍ତ୍ତି ନିର୍ମିତ ହୋଇ କୃପାସିନ୍ଧୁ ସାହୁଙ୍କ ପିଣ୍ଡାରେ ପୂଜା ପାଇଥିଲା । ପରେ ରାମ ଚନ୍ଦ୍ର ନାୟକଙ୍କ ମହାଦେବ ମୂର୍ତ୍ତି ପ୍ରଧାନ ସାହି ଠାକୁର ଘରେ ଓ କପିଳେନ୍ଦ୍ର ବେଉରାଙ୍କ ନିତାଇ ଗୌର ମୂର୍ତ୍ତି ପୂଜା ପାଉଥିଲେ । ଗୌଡ଼ୀୟ ବୈଷ୍ଣବ ଧାରାରେ ଅନୁପ୍ରାଣିତ ଏହି ତିନୋଟି ମୂର୍ତ୍ତିକୁ ନେଇ ଯାତ୍ରାର ଅଯାରମ୍ଭ କରିଥିଲେ ତତ୍କାଳୀନ ଜମିଦାର ଅନାଦି ମଙ୍ଗରାଜ । ପରେ ଆଉ କିଛି ମେଢ଼ ସାମିଲ ହୋଇଥିଲେ । ଧୀରେ ଧୀରେ ଏହା ବଢ଼ି ଯାତ୍ରାରେ ଏବେ ମେଢ଼ ସଂଖ୍ୟା ୪୩ରେ ପହଞ୍ଚିଛି ।

ଚଳିତ ବର୍ଷ ଯାତ୍ରାକୁ ଜାକଜମକରେ ପାଳନ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ଚାଲିଛି । ମଣ୍ଡପକୁ ସାଜସଜ୍ଜାରେ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ଚାଲିଛି ପ୍ରତିଯୋଗିତା । ପ୍ରଥା, ପରମ୍ପରା, ଭାଇଚାରା ଓ ପୂଜା ରୀତିନୀତିକୁ ଆଖି ଆଗରେ ରଖି ଆଗେଇ ଚାଲିଛି ରୂପଯାତ୍ରା । କାମ । ଦଶହରାରୁ ଦେବୀ ଦୁର୍ଗା, ମହାଦେବ ଓ ହନୁମାନଙ୍କ ପ୍ରତିମା ପୂଜା ପାଉଥିବା ବେଳେ କୁମାରୋତ୍ସବ ଓ ଗଜଲକ୍ଷ୍ମୀ ପୂଜାରେ ମା' ଲକ୍ଷ୍ମୀ ଓ ରାଧାକୃଷ୍ଣଙ୍କ ସହ ବିଭିନ୍ନ ଦେବାଦେବୀ ପୂଜା ପାଇବେ । ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିବ । ୨୬ରୁ ଯାତ୍ରା ଆରମ୍ଭ ହୋଇ ୨୯ରେ ଭସାଣି ଶୋଭାଯାତ୍ରା ହେବାକୁ ଥିବା ବେଳେ ପୂଜା କମିଟି କର୍ମକର୍ତ୍ତାମାନେ ଏବେ ଦିନରାତିକୁ ଏକକରି କାର୍ଯ୍ୟରେ ଆଗେଇ ଚାଲିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୨/୦୯/୨୦୨୬
୪,୯୮,୯୮୫/- ଟଙ୍କା
ସୁନା:- ୦୩ ଗ୍ରାମ୍ ୨୮୦ମିଲିଗ୍ରାମ
ରୂପା:-୧୨ ଗ୍ରାମ୍ ୧୦୦ମିଲିଗ୍ରାମ

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ

**ଯାଜପୁର/ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପଡ଼ିଥିବା ଯାଜପୁର ଜିଲ୍ଲା ବଡ଼ଚଣା ରାସ୍ତା ଓ ଗୃହ ଉପ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ତପନ ସେଠୀଙ୍କ ବିପୁଳ ସମ୍ପତ୍ତି ଠାବ ହେବାରେ ଲାଗିଛି । ବିଭିନ୍ନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହେଉଥିବା ବେଳେ ଭିଜିଲାନ୍ସ ଅଧିକ ଛାନଭିନ ଚଳାଇଛି । ତପନଙ୍କ ଘରୁ ଅଧକେଜି ସୁନା ଅଳଙ୍କାର ଥିବା ବେଳେ ବହୁ କୋଟି ଟଙ୍କାର ପ୍ଲଟ୍ ଓ ବହୁତଳ କୋଠା ଠାବ ହୋଇଛି । ଭିଜିଲାନ୍ସ ସୂଚନା ଅନୁଯାୟୀ, କଟକ ସିଡିଏ ସେକ୍ଟର-୭ରେ ୨ ହଜାର ବର୍ଗଫୁଟ ଅଞ୍ଚଳରେ ୩ ମହଲା କୋଠା, ପୁରୀ ସିଦ୍ଧମହାବୀରରେ ୩୬ଶହ ବର୍ଗଫୁଟ ଅଞ୍ଚଳରେ ୩ ମହଲା କୋଠା, ଭୁବନେଶ୍ୱର କଣ୍ଟାବାଡ଼ରେ ୨୨ ଶହ ବର୍ଗଫୁଟ ଅଞ୍ଚଳରେ ୨ ମହଲା କୋଠା ଠାବ ହୋଇଛି । ଏଥିସହ କଣ୍ଟାବାଡ଼ ଅଞ୍ଚଳରେ ୧ ଏକର ପରିମିତ ଅଞ୍ଚଳରେ ଏକ ଫାର୍ମ ହାଉସ୍ ଠାବ ହୋଇଛି । ସେହିପରି ତପନଙ୍କ ୩ ବହୁମୂଲ୍ୟ ପ୍ଲଟ୍ ମଧ୍ୟ ଠାବ ହୋଇଛି । ଏହା ମଧ୍ୟରେ





ଭୁବନେଶ୍ୱରରେ ଦୁଇଟି ଏବଂ କଟକ ସିଡିଏରେ ଗୋଟିଏ ରହିଛି । ତେବେ ପ୍ଲଟ୍ ଓ କୋଠା ଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ବୈଷୟିକ ଟିମ୍ ପ୍ରୟାସ କରୁଛି । ସେହିପରି ତପନଙ୍କ ଘରୁ ୫୫୦ ଗ୍ରାମ୍‌ର ସୁନା ଅଳଙ୍କାର ମଧ୍ୟ ଠାବ ହୋଇଛି । ଏଥିସହ ଦୁଇଟି ଚାରି ଚକିଆ ଯାନ ଓ ଦୁଇଟି ଦୁଇ ଚକିଆ ଯାନ ଠାବ ହୋଇଛି । ଭୁବନେଶ୍ୱର ଏସବିଆଇ ମୁଖ୍ୟ ଶାଖାରେ ତପନଙ୍କ ଏକ ଲକର ଥିବାବେଳେ ତାହାକୁ ଖୋଲାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି । ତେବେ ଡିପୋଜିଟ୍ ଏବଂ ଅନ୍ୟାନ୍ୟ ନିବେଶ ସଂକ୍ରାନ୍ତରେ ଜାଣିବାକୁ ଭିଜିଲାନ୍ସ ଅଧିକ ଖୋଳତାଡ଼ ଚଳାଇଛି ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୋଇଥିବା ଏହି ଚଢ଼ଉରେ ଭିଜିଲାନ୍ସର ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି । ତପନଙ୍କ ଘର ଓ ଅଫିସ ସମେତ କଟକ, ଭୁବନେଶ୍ୱର, ପୁରୀ ଯାଜପୁର (ବଡ଼ଚଣା)ର ୭ଟି ସ୍ଥାନରେ ଭିଜିଲାନ୍ସ ଯାଞ୍ଚ ଜାରି ରଖିଛି । କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ପଦକ୍ଷେପ ନିଆଯାଇଛି ।

# ଦଶହରାରେ ଲୁଟେରାଙ୍କ ଆତଙ୍କ

## ୩ ଦିନରେ ୧୯୦ ମୋବାଇଲ୍ ଓ ୨୧ ସୁନାଚେନ୍ ଲୁଟ୍

**ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ଦଶହରା ରାଜଧାନୀରେ ମାତିଛନ୍ତି ଲୁଟେରା । ୩ ଦିନରେ ବିଭିନ୍ନ ପୂଜାମଣ୍ଡପରୁ ଝାମ୍ପି ନେଇଛନ୍ତି ୧୯୦ ମୋବାଇଲ ସହ ୨୧ ସୁନାଚେନ୍ । ଗତ ବୁଧବାର ଦିନକରେ ସବୁଠାରୁ ବେଶୀ ଲୁଟ୍‌ପାଟ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ପାଇ କମିଶନରେଟ୍ ପୁଲିସ ଲୁଟେରାଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି । ଖଣ୍ଡଗିରି, ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଓ ଶ୍ରୀଲିଙ୍ଗରାଜ ଥାନା ପୁଲିସ କିଛି ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ସେମାନଙ୍କଠାରୁ କିଛି ଲୁଟ୍ ମୋବାଇଲ ଜବତ ହୋଇଥିବା ଜଣାପଡ଼ିଛି । ପାର୍ବଣରେ ଲୁଟ୍‌ପାଟ ପାଇଁ ବିଭିନ୍ନ ରାଜ୍ୟର ଲୁଟେରାମାନେ ଆସି ରାଜଧାନୀରେ ଡେରା ପକାଇଛନ୍ତି । କମିଶନରେଟ୍ ପୁଲିସ ନିର୍ଦ୍ଦେଶରେ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ଅଧିକରୁ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଥିଲା । ତା' ସାଙ୍ଗକୁ ପୂଜା ମଣ୍ଡପ ଗୁଡ଼ିକରେ ସାଦା ପୋଷାକଧାରୀ ଏବଂ ମହିଳା ପୁଲିସ ମଧ୍ୟ ମୁତୟନ ରହିଥିଲେ । ପୂଜା କମିଟି ଗୁଡ଼ିକ ମଧ୍ୟ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିଥିଲେ । ଏତେସବୁ ବ୍ୟବସ୍ଥା ଥାଇ ମଧ୍ୟ ଲୁଟେରାମାନେ ସେମାନଙ୍କ ହାତ ସଫେଇ କରିବାରେ ସଫଳ ହୋଇଛନ୍ତି । ଭିଡ଼ର ସୁଯୋଗ ନେଇ ରାଜଧାନୀର ବିଭିନ୍ନ ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ବେଧଡ଼କ ଲୁଟ୍‌ପାଟ କରିଛନ୍ତି । ସବୁଠାରୁ ବେଶୀ ବରମୁଣ୍ଡା, ନୂଆପଲ୍ଲୀ, ସହିଦନଗର, ରସୁଲଗଡ଼, କଟକରୋଡ ଓ ଝାରପଡ଼ା ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ମୋବାଇଲ ଓ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । କିଛି ଲୁଟେରାଙ୍କୁ ଅଟକ ରଖାଯାଇ ସେମାନଙ୍କଠାରୁ କିଛି ମୋବାଇଲ ଜବତ ହୋଇଥିବା ଅଧିକାରୀ ଜଣଙ୍କ କହିଛନ୍ତି ।

# କ୍ୟାମେରା ନଜରରେ ଯୁକ୍ତ ୨ ପରୀକ୍ଷା

**ଭୁବନେଶ୍ୱର, ୨୨/୧୦ ନ୍ୟୁଜ ବ୍ୟୁରୋ**

ଆସନ୍ତାବର୍ଷ ହେବାକୁ ଥିବା ଯୁକ୍ତ ୨ ପରୀକ୍ଷା ପାଇଁ ସିସିଟିଭି ବ୍ୟବସ୍ଥା ବାଧ୍ୟତାମୂଳକ । ନଭେମ୍ବର ୩୦ ତାରିଖ ସୁଦ୍ଧା ସିସିଟିଭି ସ୍ଥାପନ ଓ ଅପଡେଟ୍ ପାଇଁ ନିର୍ଦ୍ଦେଶ ଦେଇଛି ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ । ଅବହେଳା କଲେ ବାତିଲ ହୋଇପାରେ ପରୀକ୍ଷା କେନ୍ଦ୍ରର ସ୍ୱୀକୃତି । ବାର୍ଷିକ ଯୁକ୍ତ ଦୁଇ ପରୀକ୍ଷାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ । ଏନେଇ ପରିଷଦ ପକ୍ଷରୁ ସମସ୍ତ ଅନୁବନ୍ଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲେଜ ଓ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧକ୍ଷ ଏବଂ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

ଆସନ୍ତା ନଭେମ୍ବର ୩୦ ସୁଦ୍ଧା ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ କୁହାଯାଇଛି । ପରୀକ୍ଷା ନିୟନ୍ତ୍ରକ ଡକ୍ଟର କୁମାର ପରିଡ଼ାଙ୍କ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା । ଏହି ନିର୍ଦ୍ଦେଶନାମା ଅନୁଯାୟୀ, ପ୍ରଶ୍ନପତ୍ର ରଖାଯାଉଥିବା ଷ୍ଟ୍ରଙ୍ଗ୍ ରୁମ୍, ପରୀକ୍ଷା ହଲ୍ ଓ ସେଣ୍ଟର ସୁପରିନ୍‌ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଏବଂ ପରୀକ୍ଷା ହଲ୍ ଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ସହ ସେଗୁଡ଼ିକର କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବାକୁ ପଡ଼ିବ । କ୍ୟାମେରାଗୁଡ଼ିକ ଏପରି ଭାବେ ସ୍ଥାପନ କରାଯିବ, ଯାହାଦ୍ୱାରା ସମ୍ପୃକ୍ତ ସ୍ଥାନର ସମସ୍ତ କାର୍ଯ୍ୟକଳାପ ସ୍ପଷ୍ଟ ଭାବେ ଦେଖାଯିବ ଓ ରେକର୍ଡ ହୋଇପାରିବ । କେବଳ ସିସିଟିଭି କ୍ୟାମେରା ସ୍ଥାପନ ନୁହେଁ, ଏହି ସମସ୍ତ ସ୍ଥାନର କାର୍ଯ୍ୟକଳାପର ସିଧା ପ୍ରସାରଣ ବ୍ୟବସ୍ଥା ମଧ୍ୟ କରିବାକୁ ହେବ ।

# ଚାରିଧାମ ଯାତ୍ରାରେ ୨୭୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁ : କେଦାରନାଥରେ ସର୍ବାଧିକ

**ଡେରାଡୁନ୍, ୨୨/୧୦**

ଉତ୍ତରାଖଣ୍ଡରେ ଚଳିତ ବର୍ଷ ଚାରିଧାମ ଯାତ୍ରା ସମୟରେ ଏଯାବତ୍ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁଁ ମୋଟ ୨୭୧ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଏପ୍ରିଲ ୧୯ ତାରିଖରୁ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୨୧ ତାରିଖ ସୁଦ୍ଧା କେଦାରନାଥରେ ସର୍ବାଧିକ ୧୩୨ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ବଦ୍ରିନାଥରେ ୮୫ ଜଣ, ଯମୁନୋତ୍ରୀରେ ୩୪ ଜଣ ଏବଂ ଗଙ୍ଗୋତ୍ରୀରେ ୨୦ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ଏହିପରି ଚାରିଟି ଧାମରେ ମୋଟ ମୃତ୍ୟୁସଂଖ୍ୟା ୨୭୧ରେ ପହଞ୍ଚିଛି । ରାଜ୍ୟ ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ପକ୍ଷରୁ ସଂକଳିତ ଏହି ତଥ୍ୟରେ ଚାରିଧାମ ଯାତ୍ରା ମାର୍ଗରେ ଘଟିଥିବା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ସାମିଲ କରାଯାଇନାହିଁ । ସେପଟେ କେଦାରନାଥ ଓ ବଦ୍ରିନାଥରେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ସ୍ୱାସ୍ଥ୍ୟ ବିଭାଗ ଏବଂ ତୀର୍ଥଯାତ୍ରା ପରିଚାଳନାରେ ନିୟୋଜିତ ଅଧିକାରୀଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ପ୍ରାରମ୍ଭରେ ଶ୍ରଦ୍ଧାଳୁଙ୍କ ଆଗମନ ଧୀର ରହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଯାତ୍ରାରେ ଗତି ଆସିଥିଲା । ଅକ୍ଟୋବର ୨୧ ତାରିଖ ସୁଦ୍ଧା ଚାରିଧାମ ଯାତ୍ରା କରିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୬୦ ଲକ୍ଷ ଅତିକ୍ରମ କରିଛି । ଯାତ୍ରା ଇତିହାସରେ ଏହା ସର୍ବାଧିକ । ହିମାଳୟ ଅଞ୍ଚଳରେ ଅବସ୍ଥିତ ଏହି ଚାରିଟି ଧାମକୁ ଯାତ୍ରା କରିବା ଅନ୍ୟ ତୀର୍ଥଯାତ୍ରାଠାରୁ ଭିନ୍ନ । କାରଣ, ଶ୍ରଦ୍ଧାଳୁମାନଙ୍କୁ ଅଳ୍ପ ସମୟ ମଧ୍ୟରେ ଅଧିକ ଉଚ୍ଚତାକୁ ଯିବାକୁ ପଡ଼ିଥାଏ । ଏହି ଅଞ୍ଚଳରେ ଅମ୍ଳଜାନର ମାତ୍ରା କମ୍ ରହିବା ସହ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ହୋଇଥାଏ । ପାହାଡ଼ ଚଢ଼ିବାର ଶାରୀରିକ ପରିଶ୍ରମ, ଥକ୍କାପଣ, ଅତ୍ୟଧିକ ଥଣ୍ଡା ଏବଂ ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟ ସମସ୍ୟା ଶରୀର ଉପରେ ଗୁରୁତର ଚାପ ପକାଇଥାଏ । ବିଶେଷକରି ହୃଦ୍‌ରୋଗ, ଶ୍ୱାସକ୍ରିୟାଜନିତ ସମସ୍ୟା, ଉଚ୍ଚ ରକ୍ତଚାପ କିମ୍ବା ମଧୁମେହରେ ପୀଡ଼ିତ ବ୍ୟକ୍ତିମାନେ ଏହି ଯାତ୍ରା ସମୟରେ ଅଧିକ ସତର୍କ ରହିବା ଆବଶ୍ୟକ । ଉଚ୍ଚତା ସହ ଜଡ଼ିତ ଅସୁସ୍ଥତାର ଲକ୍ଷଣକୁ ଅଣଦେଖା କଲେ ପରିସ୍ଥିତି ଗୁରୁତର ହେବା ସହ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ । ଏଭଳି ପରିସ୍ଥିତିରେ ଯାତ୍ରା ଆରମ୍ଭ ପୂର୍ବରୁ କେବଳ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଜାରି କରିଦେବା ଯଥେଷ୍ଟ ନୁହେଁ । ଯାତ୍ରା ସମୟରେ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିରନ୍ତର ନଜର ରଖିବା ଜରୁରୀ । କୌଣସି ଯାତ୍ରୀଙ୍କଠାରେ ଗୁରୁତର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ଯୋଗାଇଦେବା ପାଇଁ ବ୍ୟବସ୍ଥା ରହିବା ଆବଶ୍ୟକ । ଏଥିସହ ଆବଶ୍ୟକ ପଡ଼ିଲେ ରୋଗୀଙ୍କୁ କମ୍ ଉଚ୍ଚତାରେ ଥିବା ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା ରହିବା ଉଚିତ । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଅନ୍ୟ ସୁରକ୍ଷାକର୍ମୀମାନେ ବିଭିନ୍ନ ସମୟରେ ଅନେକ ଶ୍ରଦ୍ଧାଳୁଙ୍କୁ ସଫଳତାର ସହ ଉଦ୍ଧାର କରିଛନ୍ତି । ତଥାପି ମୃତ୍ୟୁସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com